## ପିଡିଙ୍କୁ ଭେଟିଲେ ୫୦ ପରିବାର

ସୁନ୍ଦରଗଡ (ଡି.ଏନ୍.ଏ): ବାଲିଶଙ୍କରା ବ୍ଲକ ଧୂବେନଦାଣ୍ଡ ପଞ୍ଚାୟତର ଧମକପୁର ଗ୍ରାମର ୫୦ ପରିବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାମ କରି ଗତ ୧ବର୍ଷ ହେବ କାମର ମଜୁରି ପାଇ ନଥିବା ଅଭିଯୋଗ ହୋଇଛି । ଏହି ଯୋଜନାରେ କାମ କରି ମଜୁରି ପାଇବାରୁ ବଞ୍ଚିତ ଥିବା ପରିବାର ଗୁରୁବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲଙ୍କୁ ସାକ୍ଷାତ କରି ତୁରନ୍ତ ବକେୟା ମଜୁରି ପ୍ରଦାନ ସକାଶେ ଦାବି କରିଛନ୍ତି।

### ଆଜି କ'ଣ କେଉଁଠି

## ସମ୍ବଲପୁର

-ଜିଲା ମହିଳା ଓ ପୁରୁଷ କବାଡି ଚୟନ ଶିବିର, ମନ୍ଦଲିଆ ପଡିଆ, ସକାଳ ୭ଟା ।
-ଶ୍ରୀମଦ ଭାଗବତ କଥା, ହାଟପଡା ହନୁମାନ ମନ୍ଦିର, ସକାଳ ୮ଟା ।

### ସଂକ୍ଷେପରେ

## ନୂତନ ବସଷ୍ଟାଣ୍ଡ ସ୍ଥାନ ଚୂଡାନ୍ତ କଲେ ଅଧିକାରୀ

ବଡଗାଁ,୧୧।୨ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବଡଗାଁରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରସ୍ତାବିତ ୨ଟି ସ୍ଥାନକୁ ସୁନ୍ଦରଗଡ ଆରଟିଓ ଏବଂ ତହସିଲଦାର ପରିଦର୍ଶନ କରିଥିଲେ। ଗୁରୁବାର ଡେପୁଟି ଡାଇରେକ୍ଟର ଟ୍ରାନ୍ସପୋର୍ଟ ବିଜୟ ଖାଲଖୋ, ଆରଟିଓ ରାମଦାସ ଟିଡୋ, ତହସିଲଦାର ବିନୟ କୁଲୁ, ଆରଆଇ ବବିତା ନାଏକ ଏକ୍ସଚେଞ୍ଜ ଅଫିସ ପାର୍ଶ୍ୱ ଗଏଲୋଗଡ ସ୍ଥିତ ସ୍ଥାନକୁ ପରିଦର୍ଶନ କରିଥିଲେ। ପରେ ଏହା ବସଷ୍ଟାଣ୍ଡ ପାଇଁ ଉପଯୁକ୍ତ ହେବ ବୋଲି ଚୂଡାନ୍ତ କରିଛନ୍ତି। ବସଷ୍ଟାଣ୍ଡ ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲେ ମଧ କାମ ଆରମ୍ଭ ଏ ଯାଏଁ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

## କ୍ଲଷ୍ଟରସ୍ତରୀୟ ୟୁଥ୍ ରେଡକ୍ରସ ତାଲିମ ଶିବିର

ନାକଟିଦେଉଳ,୧୧।୨(ଡି.ଏନ.ଏ.): ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଆନୁକୂଲ୍ୟରେ କ୍ଲଷ୍ଟରସ୍ତରୀୟ ୟୁଥ୍ ରେଡକ୍ରସର ଶିକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ, ନାକଟିଦେଉଳ, କିସିଣ୍ଡା ଓ ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି। ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକ ମୁଖ୍ୟଅତିଥି, ପୂର୍ବତନ ଅଧାପକ ଡ଼. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟ ବକ୍ତା ଓ ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ କନ୍ଦର୍ପ ରାଉଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୟୁଥ୍ ରେଡକ୍ରସ ସଂଯୋଜକ ଅଧାପକ ଦେବେଶ କୁମାର ବିଶ୍ୱାଳ ଓ ଅଧାପିକା ଆର. ପୁଷ୍ପାଞ୍ଜଳିଙ୍କ ପରିଚାଳନାରେ ଆଲୋଚନାଚକ୍ର ତର୍କ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।



ଧାରଣାରେ ସାମିଲ ହୋଇଥିବା କର୍ମଚାରୀମାନେ।

# ଜିଲାପାଳଙ୍କ ଅଫିସ ଆଗରେ ଧାରଣା

### ବନ୍ଦ ଶିଳ୍ପାନୁଷ୍ଠାନ ପୁନଃ କାର୍ଯ୍ୟକ୍ଷମ ଦାବି

ଲଖନପୁର,୧୧।୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ମରାକୁଟା ଓ ପଣ୍ଡରୀପଥରରେ ଥିବା ଏମ୍‌ଏସ୍‌ପି, ମେଟାଲିକ୍ସ, ଏକ୍ସନ୍ ଇସ୍ପାତ ଆଦି ଶିଳ୍ପାନୁଷ୍ଠାନ ବିଭିନ୍ନ କାରଣରୁ ଦୀର୍ଘ ୫ବର୍ଷ ହେଲା ବନ୍ଦ ରହିଛି। ଏଥିରେ କାର୍ଯ୍ୟରତ କର୍ମଚାରୀମାନେ କର୍ମସଂସ୍ଥାନ ହରାଇ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ଏହାକୁ ପୁନଃ କାର୍ଯ୍ୟକ୍ଷମ ଦାବିରେ କର୍ମଚାରୀମାନେ ପ୍ରକଳ୍ପ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଅସନ୍ତୁଷ୍ଟ କର୍ମଚାରୀମାନେ ପୂର୍ବ ସୂଚନା ମୁତାବକ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଏହା ସକାଳ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ ଦେବାନନ୍ଦ ବାରିକ, ଆଶିଷ ଗଡିଆ, ଗୌତମ ଗଡିଆ, ଶଙ୍କର ଦାସ, ଧରମ ଦାସ, ଗୌରୀ ଶଙ୍କର ତନ୍ତୀ, ରାଜେଶ ଛୁରା ପ୍ରମୁଖ ସାମିଲ ଥିଲେ। ଏହାକୁ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଥିଲେ। ଜିଲା କୃଷକ ସଙ୍ଗଠନ ସମ୍ପାଦକ ସୁରେନ୍ଦ୍ର ସାହୁ, ନାରାୟଣ ମହାପାତ୍ର, ବିଜୟ ଦାସ, ସାରଙ୍ଗଧର ମିଶ୍ର ଓ ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ରହି ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଦାବି କରିଥିଲେ। ପଦକ୍ଷେପ ନିଆନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

# ଜଳସେଚନକୁ ଗୁରୁତ୍ୱ ଦିଆଯାଉଛି

ନାକଟିଦେଉଳ,୧୧।୨(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅଞ୍ଚଳକୁ ଗୁରୁବାର ରେଢାଖୋଲ ବିଧାୟକ ତଥା ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଗସ୍ତରେ ଆସି କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ନିର୍ମିତ ୪ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। କିସିଣ୍ଡା ପଞ୍ଚାୟତ ଧଳପୁର ଗ୍ରାମରେ ୫୭ଲକ୍ଷ ୯୯ହଜାର ଟଙ୍କା ବ୍ୟୟରେ ନିର୍ମିତ କଟା, ଗିରିଶ୍ଚନ୍ଦ୍ରପୁରଠାରେ ୫୪ଲକ୍ଷ ୭୯ହଜାର ଟଙ୍କାରେ ନିର୍ମାଣ ହୋଇଥିବା କେନାଲ ଉନ୍ନତୀକରଣ କାର୍ଯ୍ୟ, ବାଟଗାଁ ପଞ୍ଚାୟତର ଶଙ୍କରପୁରଠାରେ ୫୫ଲକ୍ଷ ୨୨ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ କଟା ଓ ସାଲେଭଟା ପଞ୍ଚାୟତର କେଉଟବେର୍ଣ୍ଣିଠାରେ ୬୦ଲକ୍ଷ ଟଙ୍କାରେ ନିର୍ମିତ କଟାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ନାକଟିଦେଉଳ ବ୍ଲକର ବିଭିନ୍ନ ଗ୍ରାମରେ ଜଳସେଚନକୁ ଗୁରୁତ୍ୱ ଦିଆଯାଉଛି ବୋଲି ବିଧାୟକ ପ୍ରକାଶ କରିଥିଲେ। ଏହାସହ ବର୍ତ୍ତମାନ ରାଜ୍ୟ ସରକାର ପନିପରିବା, ପୁଷ୍ପ ଓ ଲାଭକରୀ ଫସଲ ଉତ୍ପାଦନକୁ ଗୁରୁତ୍ୱ ଦେଇ ଜଳସେଚକୁ ଅଗ୍ରାଧିକାର ଦେଉଥିବା କହିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପୂଜାରୀଙ୍କ ସମେତ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପଟ୍ଟନାୟକ,ଏସ୍‌ଡିଓ ହେମନ୍ତ କୁମାର ମହାପାତ୍ର, କନିଷ୍ଠଯନ୍ତ୍ରୀ ବିଷ୍ଣୁପ୍ରସାଦ ମିଶ୍ର, ବ୍ଲକ ବିଜେଡ଼ି ସଭାପତି ମୂଳିଆ ରାଉଳ, ଉପସଭାପତି କୁଞ୍ଜବିହାରୀ ନନ୍ଦ ପ୍ରମୁଖ ଯୋଗଦେଇଥିଲେ।



ଏକ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ବିଧାୟକ ଓ ଅନ୍ୟମାନେ।

# ଆର୍କିଟେକ୍, ପ୍ଲାନିଂ ପାଠ୍ୟକ୍ରମ ଖୋଲିବ

### ସୁଇଟ୍‌ର ୧୧ତମ ପ୍ରତିଷ୍ଠା ଦିବସ

ସମ୍ବଲପୁର,୧୧।୨ (ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି (ସୁଇଟ୍)ରେ ଖୁବ୍‌ଶୀଘ୍ର ବିଟେକ୍ ଓ ଏମ୍‌ଟେକ୍‌ରେ ଆର୍କିଟେକ୍ ଏବଂ ବିଟେକ୍‌ରେ ପ୍ଲାନିଂ ପାଠ୍ୟକ୍ରମ ଖୋଲିବ। ସୁଇଟ୍‌ର ୧୧ତମ ପ୍ରତିଷ୍ଠା ଦିବସରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ସେଲ୍ଫ ଫାଇନାନ୍ସିଂ କୋର୍ସ ଭାବେ ରହିବ। ପୂର୍ବରୁ ୧୧ଟି କୋର୍ସରେ ପ୍ରାୟ ୨ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି କୋର୍ସ ହେବା ଦ୍ୱାରା ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧି ପାଇବ। ଏହାସହ ବିଶ୍ୱବିଦ୍ୟାଳୟ ପରିସରରେ ଦକ୍ଷତା ବିକାଶ କେନ୍ଦ୍ର ଖୋଲାଯିବ। ଏଥିପାଇଁ ୮ରୁ ୯ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ରାଜ୍ୟ ଦକ୍ଷତା ବିକାଶ ବିଭାଗ ଅଧିକାରୀ ଓ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ସୁଇଟ୍‌ର ନିର୍ଦ୍ଦେଶକ ନିହରା ରଞ୍ଜନ ଶତପଥୀ କହିଥିଲେ, ନାକ୍ ରେଟିଂରେ ସୁଇଟ୍ ଯେଭଳି ଆସିବ ସେ ନେଇ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି। ଏହି ଅବସରରେ ୬୪ ବର୍ଷରେ ଭିମସାରରେ ଏମ୍‌ବିବିଏସ୍ ଛାତ୍ର ଭାବେ ନାମ ଲେଖାଇଥିବା ଅତାବିରା ଗ୍ରାମର ଜୟକିଶୋର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଡ. ପ୍ରେମାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।



ସମ୍ବଲପୁର ସୁଇଟ୍‌ର ୧୧ତମ ପ୍ରତିଷ୍ଠା ଦିବସ ।

# ୧୩ରେ ଭାଜପାର ୩ ଘଣ୍ଟିଆ ରାସ୍ତାରୋକୋ

ସମ୍ବଲପୁର,୧୧।୨(ବ୍ୟୁରୋ)

ଏବେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରେ ପ୍ରାୟ ୧୫ ଲକ୍ଷ କୁଇଣ୍ଟାଲ ଓ ସମ୍ବଲପୁର ଜିଲାରେ ୧ ଲକ୍ଷ କୁଇଣ୍ଟାଲରୁ ଅଧିକ ଧାନ ମଣ୍ଡିଗୁଡିକରେ ପଡିରହିଛି। ଟୋକନ୍, ଟାର୍ଗେଟ ଭଳି ବିଭିନ୍ନ ସମସ୍ୟାରେ ଚାଷୀ ପେଷିହୋଇଯାଉଛି। ଉତ୍ତରାଞ୍ଚଳ ଆର୍‌ଡିସି ଚାଷୀଙ୍କ ଅଭାବୀ ବିକ୍ରି ଦୂର କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଭାଜପା ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ। ଫେବୃୟାରୀ ୭ ତାରିଖ ପର୍ଯ୍ୟନ୍ତ ସମୟସୀମା ରହିଥିଲା। ହେଲେ ଚାଷୀଙ୍କ ସମସ୍ୟା ସମାଧାନ ହେଲା ନାହିଁ। ତେଣୁ ଫେବୃୟାରୀ ୧୩ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପଶ୍ଚିମଓଡ଼ିଶାର ବିଭିନ୍ନ ଜିଲାରେ ରାସ୍ତାରୋକୋ କରାଯିବ ବୋଲି କଚେରିସ୍ଥିତ ଭାଜପା କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଦଳର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ରେଙ୍ଗାଲି ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରି ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରଧେଶ୍ୱାମ ବାରିକ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ସୀମାଞ୍ଚଳ ଖଟେଇ, ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର, ମାନସ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।

### ଖେଳ ଖବର

# ବ୍ୟାଡ୍‌ମିଣ୍ଟନ : ଫିରୋଜ ଓ ସୋମେଶ ଯୋଡ଼ି ବିଜୟୀ



କୃତୀ ଖେଳାଳି ପୁରସ୍କୃତ ହୋଇଛନ୍ତି।

ଝାରବନ୍ଧ, ୧୧।୨ (ଡି.ଏନ.ଏ)

ବରଗଡ଼ ଜିଲା ଝାରବନ୍ଧର ଗ୍ଲୋବାଲ ସ୍ପୋର୍ଟିଂ ଆନୁକୂଲ୍ୟରେ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ଏବିଡିଓ ଦେବାଶିଷ ସିହ୍ନା ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ସାହୁ, ସମାଜସେବୀ ଗୋବିନ୍ଦ ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଛତିଶଗଡର ବସନା, ସରାଇପାଲି ସମେତ ମୋଟ ୪୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ପଦ୍ମପୁରର ଫିରୋଜ ଓ ସୋମେଶ ଯୋଡି ସହିତ ଝାରବନ୍ଧର ସୁଶାନ୍ତ ପ୍ରୀତିଶ ଯୋଡି ମଧ୍ୟରେ ହୋଇଥିଲା। ଶେଷରେ ପଦ୍ମପୁର ଦଳ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଝାରବନ୍ଧ ଥାନାଧିକାରୀ ଠାକୁରଦାସ ମୁର୍ମୁ, ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ସରପଞ୍ଚ ଧନମତୀ ପାଣ୍ଡେ ଅତିଥି ଭାବେ ଯୋଗଦାନ କରି ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଭାଗବତ କ୍ରିକେଟ୍ ଟୁର୍ନାମେଣ୍ଟ: ଜମ୍ବାଲିପାଲି ଚାମ୍ପିୟନ

ଅମରପାଲି,୧୧।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେଞ୍ଜିରିଆପାଲି ପଞ୍ଚାୟତ ଅନ୍ତର୍ଗତ ପୁଲେଶ୍ୱରରେ ଚାଲିଥିବା ୫ମ ଭାଗବତ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ବଙ୍କିଆକୁ ହରାଇ ଜମ୍ବାଲିପାଲି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ଖେଳା ହୋଇଥିଲା। ପ୍ରଥମ ଫର୍ମାଟରେ ଜମ୍ବାଲିପାଲି ୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୮୫ ରନ କରିଥିଲା। ଜବାବରେ ବଙ୍କିଆ ଦଳ ୧୦ ଓଭରରେ ୮ଉଇକେଟ ହରାଇ ୮୦ ରନ କରିଥିଲା । ଦ୍ୱିତୀୟ ଫର୍ମାଟରେ ଜମ୍ବାଲିପାଲି ନିର୍ଦ୍ଧାରିତ ୬ ଓଭରରେ ୨ ଉଇକେଟ ହରାଇ ୧୧୯ ରନ କରିଥିଲା। ଜବାବରେ ବଙ୍କିଆ ଦଳ ୬ ଓଭରରେ ୪ ଉଇକେଟ ହରାଇ ୧୦୯ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଜମ୍ବାଲିପାଲି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ମୁଖ୍ୟଅତିଥିଭାବେ ଯୋଗଦେଇ ବଙ୍କିଆର ଉମାଶଙ୍କର ହୋତାଙ୍କୁ ଶ୍ରେଷ୍ଠ ସିକ୍ସର, ସନତଙ୍କୁ ମ୍ୟାନ ଅଫ୍ ଦି ସିରିଜ ଏବଂ ଜମ୍ବାଲିପାଲିର ଅନିଲଙ୍କୁ ମ୍ୟାନ ଅଫ୍ ଦି ଫାଇନାଲ, ଯଦୁଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରିଥିଲେ। ଏଥି ସହିତ ଚାମ୍ପିୟନ ଦଳକୁ ନଗଦ ୧୨ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୮ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ।




ଚାମ୍ପିୟନ ଜମ୍ବାଲିପାଲି ଦଳକୁ ଟ୍ରଫି ପ୍ରଦାନ କରାଯାଉଛି ।

# ଏନକେଏଫଏ ଫୁଟବଲ: ଖୁଜେନପାଲି, କରେଲଧୁଆ ବିଜୟୀ

ଦେଓଗାଁ ,୧୧।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ନେହେରୁ ଖେଳପଡିଆରେ ନବକିଶୋର ଫୁଟବଲ ଆସୋସିଏଶନ ଆୟୋଜନକ୍ରମେ ଚାଲିଥିବା ଏନକେଏଫଏ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଥିଲା ଚତୁର୍ଥ ଦିବସ। ଏହିଦିନ ମହିପୁର ଓ ଖୁଜେନପାଲି ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖୁଜେନପାଲି ୧-୦ ଗୋଲରେ ବିଜୟୀ ହୋଇଥିଲା। ବରକାନୀ ଓ କରେଲଧୁଆ ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଖେଳା ଯାଇଥିଲା। ଏଥିରେ ଟାଇବ୍ରେକର ଜରିଆରେ କରେଲଧୁଆ ବିଜୟୀ ହୋଇଥିଲା। ହନକ ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ ଚୁତୁର୍ଥ ଦିବସରେ ମୁଖ୍ୟ ଅତିଥିଭାବେ ଯୁବ ଖେଳାଳି ମନୋଜ ନାଏକ, ଡା.ଶଶୀଭୂଷଣ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

# ଭିସୁଟ୍‌ରେ କ୍ରିୟାଶୀଳ ହେବ ଏନ୍‌ଏସ୍‌ଏସ୍

ସମ୍ବଲପୁର,୧୧।୨ (ବ୍ୟୁରୋ)

ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ବୈଠକ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଭିସୁଟ୍ ଏନ୍‌ଏସ୍‌ଏସ୍ ଶାଖାକୁ କିପରି କ୍ରିୟାଶୀଳ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ବିଶ୍ୱମୋହନ ଜେନା, ଭିସୁଟ୍‌ର ଡ. ଅନିଲ କୁମାର କର, ନିବେଦିତା ପଟେଲ, ଡ. ମନିଲା ମଲ୍ଲିକ, ନୂତନ ସାହା, ନୀଳକଣ୍ଠ ସାହୁ, ସୁଶାନ୍ତ କୁମାର ସିଆଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ନିଯୁକ୍ତି ନ ମିଳିଲେ ଆନ୍ଦୋଳନ



ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିସ୍ଥାପିତମାନେ ।

ସମ୍ବଲପୁର,୧୧।୨(ବ୍ୟୁରୋ)

ସମ୍ବଲପୁର ରେଙ୍ଗାଲିର ଜୟମା' ସମଲେଶ୍ୱରୀ ଆଞ୍ଚଳିକ ବିସ୍ଥାପିତ ଯୁବକ ସଂଘ ଗୁରୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ, ଏନ୍‌ଏଲ୍‌ସି କମ୍ପାନୀରେ ନିଯୁକ୍ତି ଦାବି ନେଇ ବିସ୍ଥାପିତମାନେ ତାଲାବନ୍ଦ ଆନ୍ଦୋଳନ କରିଥିଲେ। ଏହି ସମୟରେ ଏନ୍‌ଏଲ୍‌ସି ଓ ଆଦାନୀ କମ୍ପାନୀ ସ୍ଥାୟୀ ନିଯୁକ୍ତି ଦେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇ ନ ଥିବାରୁ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ମାନସ ସାଲିମା, ଜିଲା ପରିଷଦ ସଭ୍ୟା ଉତ୍ପଳା ଧରୁଆ, ପ୍ରଭାସିନୀ ବାରିକ, ଚନ୍ଦ୍ର ଶେଖର ରାଉତ, ପବିତ୍ର ରୋହିଦାସ, ରମାକାନ୍ତ ରୋହିଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ଧେନବୁଢ଼ୀ କ୍ରିକେଟ : ଆଟଗାଁ ଚାମ୍ପିୟନ

ଦେଓଗାଁ ,୧୧।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପାଲିରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଅର୍ଜ୍ଜୁନପୁର ଓ ଆଟଗାଁ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଆଟଗାଁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୦୦ରନ କରିଥିଲେ। ଜବାବରେ ନିର୍ଦ୍ଧାରିତ ଓଭରରେ ଅର୍ଜ୍ଜୁନପୁର ଦଳ ୭୮ ରନ କରି ପରାଜିତ ହୋଇଥିଲା। ଫଳରେ ଆଟଗାଁ ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେର ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ ।




ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

# କ୍ରିକେଟ: ଦ୍ୱିତୀୟ ରାଉଣ୍ଡରେ ରାଜପୁତ କ୍ଲବ

ଦେବଗଡ଼,୧୧।୨(ଡ଼ି.ଏନ୍.ଏ.)

ମା' ପ୍ରଧାନୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବଡବଗିଚା ଖେଳ ପଡିଆଠାରେ ପ୍ରଧାନୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । କ୍ଲବ ସଭାପତି ସୌରଭ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଉଦଘାଟନୀ ଉତ୍ସବରେ ପ୍ରାକ୍ତନ କ୍ରିକେଟ ଖେଳାଳି ପତିତପାବନ ସାହୁ ମୁଖ୍ୟଅତିଥି, ପୂର୍ବତନ କ୍ରିକେଟ ଖେଳାଳି ଅଜିତ କୁମାର ମୋଦୀ ଓ ଜୟନାରାୟଣ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଉଦଘାଟନୀ ମ୍ୟାଚରେ ବିଜେଡି କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୭୨ ରନ ସଂଗ୍ରହ କରିଥିଲା। ଜବାବରେ ରାଜପୁତ କ୍ଲବ ବ୍ୟାଟିଂ କରି ମାତ୍ର ୬ ଉଇକେଟ ହରାଇ ସହଜରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ରାଜପୁତ କ୍ଲବର ସଜିନ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ ।

**ପୁତୁରା ଠେଙ୍ଗାମାଡ଼ରେ ବଡ଼ବାପା ମୃତ**

ଲହୁଣୀପଡା(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ମହୁଲପଦା ଥାନା ଅନ୍ତର୍ଗତ ହଳଦିକୁଦର ପଞ୍ଚାୟତର ସାନଜଲ ଗ୍ରାମର ବଣ୍ଡଡିହି ସାହିରେ ବୁଧବାର ସନ୍ଧ୍ୟା ପ୍ରାୟ ୬ଟାରେ ହତ୍ୟାକାଣ୍ଡ ଘଟିଛି। ସାମାନ୍ୟ କଥାକୁ କେନ୍ଦ୍ରକରି ପୁତୁରା ଠେଙ୍ଗାରେ ପିଟି ବଡବାପା ଗୋପୀନାଥ ମୁଣ୍ଡାରୀ (୬୨)ଙ୍କୁ ମାରିଦେଇଛନ୍ତି। ଖବରପାଇ ମହୁଲପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ପୁତୁରା ଗମିୟା ମୁଣ୍ଡାରୀ (୨୭)କୁ ଗୁରୁବାର କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ନିଆଁରେ ପୋଡ଼ି ଯୁବତୀ ମୃତ

ରାଉରକେଲା ଅଫିସ,୧୧।୨: ସୁନ୍ଦରଗଡ଼ ଜିଲା ଲାଠିକଟା ଥାନା ଅର୍ନ୍ତଗତ ନୂଆବସ୍ତିର ଜଣେ ଯୁବତୀ ଗୁରୁବାର ନିଆଁରେ ପୋଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଆଫ୍ରିନ ଖାତୁନ(୧୯)। ପୋଲିସ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସୂଚନା ଅନୁସାରେ, ଆଫ୍ରିନ ନୂଆବସ୍ତିରେ ପରିବାର ସହ ବାସ କରନ୍ତି। ଗତ ୨୬ ତାରିଖରେ ତାଙ୍କ ମା' ଷ୍ଟୋଭ୍‌ରେ ଭାତ ବସାଇ ନଦୀକୁ ଗାଧୋଇ ଯାଇଥିଲେ। ଏହି ସମୟରେ ଭାତ ଉତୁରିବାରୁ ଆଫ୍ରିନ ଷ୍ଟୋଭ ନିଆଁକୁ କମ୍ କରୁଥିବା ବେଳେ ତାଙ୍କ ପୋଷାକରେ ନିଆଁ ଲାଗିଯାଇଥିଲା। ସେ ଚିତ୍କାର କରିବାରୁ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ଲାଗି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଶରୀରର ୮୦ ପ୍ରତିଶତ ପୋଡିଯାଇଥିବା ଜଣାପଡ଼ିଥିଲା। ଡାକ୍ତରଖାନାରେ ଚିକିତ୍ସା ଚାଲିଥିବା ବେଳେ ବୁଧବାର ରାତି ସାଢ଼େ ୧୧ଟାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଭୟ ବଢ଼ାଉଛି ବ୍ରାହ୍ମଣୀ ବ୍ରିଜ୍

**ରାଉରକେଲା ଅଫିସ,୧୧।୨**

**ରାଉରକେଲା**



ଟ୍ରାଫିକ୍ ଜାମ୍ ଯୋଗୁ ବ୍ରାହ୍ମଣୀ ବ୍ରିଜ୍ ଉପରେ ଯାନବାହନ ଅଟକି ରହିଛି।

- ବ୍ରିଜ୍ ବାମ ପାର୍ଶ୍ୱରେ ପୁଣି ସୃଷ୍ଟି ହୋଇଛି ଫାଟ
- ପରିବହନ ବିଭାଗ କାମଚଳା ମରାମତି କରି ଛାଡ଼ି ଦେଉଛି
- ଘଣ୍ଟା ଘଣ୍ଟା ଧରି ଫସି ରହୁଛି ଆମ୍ବୁଲାନ୍ସ ଓ ସ୍କୁଲ ବସ୍
- ଶେଷ ହେଉନି ନୂଆ ବ୍ରିଜ୍ କାମ

ରାଉରକେଲା ଓ ସୁନ୍ଦରଗଡର ଲାଇଫ୍ ଲାଇନ୍ କୁହାଯାଉଥିବା ବ୍ରାହ୍ମଣୀ ବ୍ରିଜ୍ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଏହି ବ୍ରିଜ୍ ଉପରେ ଫାଟ ସୃଷ୍ଟି ହେବା ଯୋଗୁ ବିପଦସଙ୍କୁଳ ଅବସ୍ଥାରେ ଲୋକେ ଯାତାୟାତ କରୁଛନ୍ତି। ଉକ୍ତ ବ୍ରିଜ୍‌ରେ କେତେବେଳେ ଯେ ଅଘଟଣ ଘଟିବ ତାହା କହିହେବ ନାହିଁ।

ଗୁରୁବାର ସକାଳ ସାଢ଼େ ୮ଟାରେ ବ୍ରିଜ୍ ବାମପାର୍ଶ୍ୱରେ ଏକ ବଡ଼ ଫାଟ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି। ଫଳରେ ଘଣ୍ଟା ଘଣ୍ଟା ଧରି ଯାନବାହନ ରାସ୍ତା ଉପରେ ଫସି ରହିଥିଲା। ଲୋକେ ମଧ୍ୟ ହଇରାଣ ହୋଇଥିଲେ। ବିଶେଷ କରି ସହରର ପ୍ରମୁଖ ଡାକ୍ତରଖାନା ଆରଜିଏଚ୍‌କୁ ରୋଗୀଙ୍କୁ ଆଣୁଥିବା ଆମ୍ବୁଲାନ୍ସ ଓ ସ୍କୁଲ ବସ୍ ଗୁଡ଼ିକ ରାସ୍ତାରେ ଫସି ରହିଥିଲା। ଖବର ପାଇ ଟ୍ରାଫିକ୍ ପୋଲିସ ସେଠାକୁ ପହଞ୍ଚି ଭିଡ଼ ଖାଲି କରିଥିଲା। ବାରମ୍ବାର ବ୍ରିଜ ଉପରେ ଫାଟ ସୃଷ୍ଟି ହେବାରୁ ସ୍ଥାନୀୟ ଆର୍‌ଟିଓ ପକ୍ଷରୁ ଫାଟ ଥିବା ସ୍ଥାନରେ କେଉଁଠି ଲୁହା ପ୍ଲେଟ୍ ପ୍ୟାଚ୍ ନଚେତ ଲୁହାରଡ଼କୁ ଫାଙ୍କା ସ୍ଥାନରେ ଓଲ୍‌ଡିଂ କରି ଛାଡ଼ି ଦିଆଯାଇଛି। ରାତି ପାହିଲେ ଏହି ବ୍ରିଜ ଦେଇ ହଜାର ହଜାର ଭାରିଯାନ ଯାତାୟାତ କରିଥାଏ। ବ୍ରିଜ୍‌ରେ ରାଜ୍ୟ ସଡ଼କ ପରିବହନ ବିଭାଗ କାମଚଳା ମରାମତି କରି ଛାଡ଼ି ଦେଉଥିବାରୁ ଏହା ଦୁର୍ବଳ ହେବା ସାଙ୍ଗକୁ ଭୟ ବଢାଉଛି। ଅନ୍ୟପକ୍ଷେ ଦ୍ୱିତୀୟ ବ୍ରାହ୍ମଣୀ ବ୍ରିଜ୍ ନିର୍ମାଣ କାମ ମଧ୍ୟ ଶେଷ ହୋଇପାରୁନି। ଫଳରେ ସହର ତଥା ଜିଲାବାସୀଙ୍କ ପାଇଁ ପୁରୁଣା ବ୍ରାହ୍ମଣୀ ବ୍ରିଜ୍ ହିଁ ଭରସା ପାଲଟିଛି। ଏ ନେଇ ଏନ୍ଏଚ୍ଆଇ ନିର୍ଦ୍ଦେଶକ ସୌରଭ ଚୌରାସିଆଙ୍କୁ ପଚାରିବାରୁ ସେ କହିଲେ, ବ୍ରିଜ୍‌ରେ ବିଭିନ୍ନ ସମୟରେ ଫାଟ ସୃଷ୍ଟି ହୋଇଥିବାରୁ ଆମେ ଆସନ୍ତା ଜୁନ୍ ପ୍ରଥମ ସପ୍ତାହରେ ଉକ୍ତ ବ୍ରିଜ୍‌କୁ ପୂର୍ଣ୍ଣ ନିର୍ମାଣ କରିବୁ । ସ୍ଥାନୀୟ ପୋଲିସ ପ୍ରଶାସନ ଓ ଟ୍ରାଫିକ ପୋଲିସ ସହାୟତାରେ ୧୫ ଦିନ ଉକ୍ତ ରାସ୍ତାକୁ ବନ୍ଦ କରାଯିବ। ବ୍ରିଜ ଉପରେ ଥିବା ରେଲିଙ୍ଗ, ବେରିଙ୍ଗ ପରିବର୍ତ୍ତନ ସହ ଫୁଟ୍‌ପାଥ୍ ଓ ପିଚୁକାମ କରାଯିବ ବୋଲି ଚୌରାସିଆ ସୂଚନା ଦେଇଥିଲେ ।

**ଏମାନେ କୁହନ୍ତି...**



"ବ୍ରାହ୍ମଣୀ ବ୍ରିଜ୍ ଉପରେ ଲୋକମାନେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ବ୍ରିଜ୍‌ରେ ଥିବା ରେଲିଙ୍ଗ ଗୁଡ଼ିକ ଭାଙ୍ଗି ଯାଇଥିବାରୁ ବିଭିନ୍ନ ସମୟରେ ଏହାର ଫୁଟପାଥ୍‌ରେ ଚାଲିବାକୁ ଡର ଲାଗୁଛି। ତେଣୁ ଏହାକୁ ଯଥାଶୀଘ୍ର ମରାମତି କରିବା ଆବଶ୍ୟକ।

-ବିଚିତ୍ର କୁମାର ଦାସ, ସଭାପତି, ଆଖି ସ୍ୱେଚ୍ଛାସେବୀ ସଙ୍ଗଠନ



"ବ୍ରାହ୍ମଣୀ ବ୍ରିଜ୍ ସହରର ଲାଇଫ ଲାଇନ୍ । କଟକ ଓ ଭୁବନେଶ୍ୱର ଅଞ୍ଚଳରେ ଯେଉଁ ପରିମାଣରେ ନୂତନ ବ୍ରିଜ୍ କାମ ସବୁ ଚାଲିଛି ତାହା ତୁଳନାରେ ସୁନ୍ଦରଗଡ଼ ଜିଲାକୁ ଅଣଦେଖା କରାଯାଉଛି । ବ୍ରାହ୍ମଣୀ ବ୍ରିଜ୍‌ରେ ପ୍ରତିଦିନ ବହୁ ରାସ୍ତା ଜାମ୍ ରହୁଛି। ଏଠାରେ ଅତିକମ୍‌ରେ ୧୦ଟି ଟ୍ରାଫିକ ପୋଲିସର ଆବଶ୍ୟକତା ରହିଛି ।

-ନିହାର ରଞ୍ଜନ ସିଂ, ଆଇନଜୀବୀ

### ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ: ନାବାଳକ ମୃତ

ବେଦବ୍ୟାସ, ୧୧।୨ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ତଥା କଲୁଙ୍ଗା ଫାଣ୍ଡିର ଫିକଡଚୁନ୍ଦି ଗ୍ରାମ ନିକଟରେ ବୁଧବାର ରାତି ପ୍ରାୟ ୧ଟା ବେଳେ ଏକ ଟ୍ରାକ୍ଟର (ନଂ. ଓଡି୧୬ସି/୧୭୭୮) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଟ୍ରାକ୍ଟର ଟ୍ରଲିରେ ବସିଥିବା ପ୍ରାୟ ୪ଜଣ ଯୁବକଙ୍କ ସମେତ ଜଣେ ନାବାଳକ ଗୁରୁତର ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଗୁରୁବାର ଭୋର୍ ସମୟରେ ଉକ୍ତ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଥାନା ଅନ୍ତର୍ଗତ ଗାଇବେଗା ଗ୍ରାମର କୁଶ କିଶାନ (୧୪) । ମୃତଦେହକୁ ଆର୍‌ଜିଏଚ୍‌ର ମର୍ଗ ହାଉସରେ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ। ବ୍ରାହ୍ମଣୀ ତରଙ୍ଗ ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଓ ଟ୍ରଲିକୁ ଜବତ କରିଛି। ଟ୍ରାକ୍ଟର ଚାଳକ ଫେରାର ଅଛନ୍ତି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ. ୩୪/୨୧) ହୋଇଛି ।

# ମିଳିଲା ୩ ନାବାଳକଙ୍କ ପରିଚୟ

**ରାଉରକେଲା ଅଫିସ,୧୧।୨**

**କୋଏଲ ନଦୀରୁ ମୃତଦେହ ଉଦ୍ଧାର ଘଟଣା**

ସୁନ୍ଦରଗଡ଼ ଜିଲା କୋଏଲ ନଦୀରେ ବୁଡି ପ୍ରାଣ ହରାଇଥିବା ୩ ଜଣ ନାବାଳକଙ୍କ ପରିଚୟ ମିଳିଛି। ଉକ୍ତ ନାବାଳକମାନେ ହେଲେ ପ୍ଲାଣ୍ଟସାଇଟ ଥାନା ଅଧୀନ ଗୁରୁଦ୍ୱାରା ରୋଡ଼ ଅଞ୍ଚଳର ସୋନି ସୋନକର(୧୪), ସୁମିତ ସୋନକର(୧୧) ଓ ଗାନ୍ଧୀ ରୋଡ଼ ମଛଳି ବସ୍ତିର ଜ୍ଞାନେଶ୍ୱର ଚୌଧୁରୀ(୧୨)।

ସୋନିଙ୍କ ବାପା କୁଳଦୀପ ସୋନକରଙ୍କ ସୂଚନା ଅନୁସାରେ, ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ତାଙ୍କର ଦୁଇପୁଅ ଘର ପାଖ ଅଞ୍ଚଳରେ ଖେଳିବାକୁ କହି ଯାଇଥିଲେ। ସନ୍ଧ୍ୟା ହେବାରୁ ଦୁଇଜଣ ଘରକୁ ନ ଫେରିବାରୁ ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ସେମାନଙ୍କ ସନ୍ଧାନ ନ ମିଳିବାରୁ ଥାନାରେ ଅଭିଯୋଗ କରିଥିଲେ। ପରେ ତିନି ନାବାଳକଙ୍କ ମୃତଦେହ କୋଏଲ ନଦୀରୁ ଉଦ୍ଧାର ହୋଇଥିବା ନେଇ ପୋଲିସ ସୂଚନା ଦେଇଥିଲା ବୋଲି କୁଳଦୀପ କହିଛନ୍ତି। ସେହିପରି ଜ୍ଞାନେଶ୍ୱର ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ସାଙ୍ଗ ଘରକୁ ଯିବାକୁ କହି ଘରୁ ବାହାରିଥିଲେ। ରାତି ହେବାରୁ ଘରକୁ ନ ଫେରିବାରୁ ସେମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ ବୋଲି ଉମାଶଙ୍କର କହିଛନ୍ତି। ପୋଲିସ ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ନ ସାଢ଼େ ୧ଟାବେଳେ ୩ ଜଣ ନାବାଳକ କୋଏଲ ନଦୀର ଭାଟାବସ୍ତି ଘାଟକୁ ଗାଧୋଇବା ପାଇଁ ଯାଇ ଭାସି ଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ସ୍ଥାନୀୟ ଲୋକଙ୍କ ସହାତାରେ ୩ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ଉଦ୍ଧାର ହୋଇଥିବା ମୃତକଙ୍କ କୌଣସି ପରିଚୟ ମିଳି ନ ଥିଲା ବେଳେ ପୋଲିସ ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସ୍‌ରେ ମୃତଦେହ ରଖି ତଦନ୍ତ କରୁଥିଲା ।

### ମୋବାଇଲ ଲୁଟେରା ଗିରଫ

**ରାଉରକେଲା ଅଫିସ,୧୧।୨**

ସୁନ୍ଦରଗଡ଼ ଜିଲା ରଘୁନାଥପାଲି ଥାନା ଅନ୍ତର୍ଗତ ସିଭିଲ ଟାଉନଶିପ୍ ଅଞ୍ଚଳରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଲୁଟ୍ ମୋବାଇଲ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ସିଭିଲ ଟାଉନଶିପ୍ ଅଞ୍ଚଳର ଅସଗର ଅଲ୍ଲୀ(୨୭)। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ସିଭିଲ ଟାଉନଶିପ୍ କ୍ୱାଟର୍ସ ନଂ.ଆର-୨ରେ ସ୍ମିତା ପଟେଲ ବାସ କରନ୍ତି। ବୁଧବାର ରାତି ସାଢ଼େ ୯ଟାରେ ସ୍ମିତା ଘର ସମ୍ମୁଖରେ ଛିଡା ହୋଇ ତାଙ୍କ ବନ୍ଧୁଙ୍କ ସହ ମୋବାଇଲରେ କଥା ହେଉଥିବା ବେଳେ ଅସଗର ତାଙ୍କ ହାତରୁ ମୋବାଇଲ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# ୯୦ ମହିଳାଙ୍କୁ ସିଲେଇ ତାଲିମ

**ରାଉରକେଲା ଅଫିସ,୧୧।୨**



ପ୍ରଶିକ୍ଷାର୍ଥୀ ମହିଳାଙ୍କୁ ସିଲେଇ ମେଶିନ ଦିଆଯାଉଛି।

ରାଉରକେଲା ଇସ୍ପାତ କାରଖାନାର ସିଏସ୍ଆର ପ୍ରୟାସ ଅନ୍ତର୍ଗତ ପାର୍ଶ୍ୱାଞ୍ଚଳ ଗ୍ରାମ, ସହର ବସ୍ତି ତଥା ଆର୍ଥିକ ଅନଗ୍ରସର ଶ୍ରେଣୀର ମହିଳା ମାନଙ୍କ ପାଇଁ ସିଲେଇ ତାଲିମ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକଶନ କର୍ପୋରେଶନ (ଏନ୍‌ବିସିସି) ଓ ଉଷା ସିଲାଇଙ୍କ ସହଭାଗିତାରେ ହୋଇଥିଲା। ଏଥିରେ ୯୦ ଜଣ ମହିଳା ଦୁଇଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ନେଇଥିଲେ। ଏହି ୧୨ ଦିନିଆ ତାଲିମ ଶିବିରକୁ ଏନ୍‌ବିସିସିର ଡିଜିଏମ୍ ପାରିତୋଷ ଗୟେଲ, ଉଷା ସିଲେଇର ବିଜୟାନନ୍ଦ ଦାସ, ଆର୍‌ଏସ୍‌ପି ବିଭାଗ ଜିଏମ୍ ଇନ୍‌ଚାର୍ଜ ଏମ୍.ଭି ଅପ୍ପାରାଓ, ଡିଜିଏମ୍ ମୁନମୁନ ମିତ୍ରା, ଆର୍‌ଏସ୍‌ପି ସହର ପ୍ରଶାସନ ଓ ସିଏସ୍ଆର ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଅଜୟ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସମସ୍ତ ମହିଳା ଶିବିରାର୍ଥୀଙ୍କୁ ସିଲେଇ ସାମଗ୍ରୀ ସହ ମେଶିନ ଯୋଗାଇ ଦିଆଯାଇଥିଲା। ଦୁଇଜଣ ସହାୟକ ଟ୍ରେନର, ୩ ଜଣ ଟେକ୍ନିସିଆନ ଏବଂ ଉଷା ଷ୍ଟିଚିଂ ଡିଭିଜନର ପ୍ରଭାତୀ ଖୁଣ୍ଟିଆ ତାଲିମ ପ୍ରଦାନ କରିଥିଲେ।

### ହୋଟେଲ ବ୍ୟବସାୟୀଙ୍କୁ ହତ୍ୟା ଘଟଣା: ଦୁଇ ଅଟକ

ରାଉରକେଲା ଅଫିସ,୧୦।୨: ରାଉରକେଲା ପ୍ଲାଣ୍ଟ ସାଇଟ ଥାନା ଅନ୍ତର୍ଗତ ଡିଏଭି ଲାଇନ ଅଞ୍ଚଳରେ ବାସ କରୁଥିବା ବସେରା ହୋଟେଲ ମାଲିକ ସଜ୍ଜନ ମିତ୍ତଲ(୬୦)ଙ୍କ ହତ୍ୟା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଉକ୍ତ ଘଟଣାର ତଦନ୍ତ ଜାରି ରହିଥିବାବେଳେ ସମସ୍ତ ତଥ୍ୟ ଗୁପ୍ତ ରଖାଯାଇଥିବା ପୋଲିସ କହିଛି। ସୂଚନା ଅନୁସାରେ, ରାଉରକେଲା ମେନ୍ ରୋଡ଼ ନିକଟସ୍ଥ ଡିଏଭି ଲାଇନ ଅଞ୍ଚଳର ସଜ୍ଜନ ମଙ୍ଗଳବାର ରାତି ସାଢ଼େ ୧୦ଟାରେ ନିଜ ହୋଟେଲରୁ କାମ ସାରି ଘରକୁ ଫେରୁଥିବା ବେଳେ ତାଙ୍କୁ ଆକ୍ରମଣ କରି ଦୁଇଜଣ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଚିକିତ୍ସା ଲାଗି ଇସ୍ପାତ ଜେନେରାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୧ଟା ୪୫ ମିନିଟରେ ସଜ୍ଜନଙ୍କ ମୃତ୍ୟୁ ଘଟିଥିଲା।

### ରେଲ୍‌ୱେ କର୍ମଚାରୀଙ୍କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ରାଉରକେଲା ଅଫିସ,୧୧।୨: ରାଉରକେଲା ଏସ୍‌ଟି କଲୋନୀରେ ଅଲ୍ ଇଣ୍ଡିଆ ଲୋକୋ ରନିଙ୍ଗ ଷ୍ଟାଫ୍ ଆସୋସିଏଶନ ପକ୍ଷରୁ ଗୁରୁବାର ସେଫ୍‌ଟି ସେମିନାର ଆୟୋଜିତ ହୋଇଯାଇଛି। ଦିନକୁ ଦିନ ରେଳ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ବିଭିନ୍ନ ଲୋକୋ ପାଇଲଟ କର୍ମଚାରୀ ଓ ମାଲବାହୀ କର୍ମଚାରୀମାନେ କିଭଳି ସଚେତନ ପୂର୍ବକ ସୁରକ୍ଷିତ ଭାବେ ନିଜ କାର୍ଯ୍ୟ କରିବେ ସେ ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ସଂଘର ସାଧାରଣ ସମ୍ପାଦକ ପାରସ କୁମାର, ଏମ୍. କେ ରଜକ, ଚନ୍ଦ୍ରଶେଖର କୁମାର, ପି.ଏସ୍ ପଟେଲ, ସେଫ୍‌ଟି କାଉନସିଲର ଏ. କେ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଆସୋସିଏଶନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟିଲେ ପୌର କର୍ମଚାରୀ

**ସୁନ୍ଦରଗଡ଼, ୧୧।୨(ଡି.ଏନ.ଏ.)**

ସୁନ୍ଦରଗଡ ଗସ୍ତରେ ଆସିଥିବା ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବୁଧବାର ସ୍ଥାନୀୟ ପୌର କର୍ମଚାରୀ ସଂଘର କର୍ମକର୍ତ୍ତା ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପୌର କର୍ମଚାରୀ ସଂଘର ସଭାପତି ଅଶୋକ ଦାଶ ଓ ସମ୍ପାଦକ ଜୟନ୍ତ କୁମାର ନାୟକଙ୍କ ନେତୃତ୍ୱରେ ପୌର କର୍ମଚାରୀମାନେ ଭେଟିଥିଲେ। ସୁନ୍ଦରଗଡ ପୌରପାଳିକାରେ ଦୀର୍ଘ ୧୬ ବର୍ଷ କାର୍ଯ୍ୟରତ ପିଅନ, ଡ୍ରାଇଭର ଏବଂ ସଫେଇ କର୍ମଚାରୀ ଭାବରେ ୧୯ ଜଣଙ୍କ ଚାକିରୀ ସରକାରୀ ନିୟମ ଅନୁଯାୟୀ ନିୟମିତ କରାଯିବା, ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ଚାକିରୀ ପ୍ରଦାନ, ପୌରପାଳିକାରେ ଚାଲିଥିବା ଘରୋଇକରଣ ବ୍ୟବସ୍ଥା ଉଚ୍ଛେଦ କରାଯାଇ କାର୍ଯ୍ୟରତ ଶ୍ରମିକଙ୍କୁ ସ୍ଥାୟୀ କରାଯିବା ଓ ଠିକା କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ ପାଇଁ ଦାବି କରାଯାଇଛି।



ପୌର କର୍ମଚାରୀ ସଂଘର କର୍ମକର୍ତ୍ତା ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

### ବାତଜ୍ୱର ନିରାକରଣ କାର୍ଯ୍ୟକ୍ରମ

**ରାଜଗାଙ୍ଗପୁର,୧୧।୨ (ଡି.ଏନ.ଏ)**

ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷକ ଡା. ଜଗଦିଶ ଚନ୍ଦ୍ର ଟପ୍ପୋଙ୍କ ଅଧ୍ୟକ୍ଷତାରେ ଫାଇଲେରିଆ ନିରାକରଣ ତଥା ସାର୍ବଜନୀନ ବାତଜ୍ୱର ନିରାକରଣ ପାଇଁ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ସୁନ୍ଦରଗଡ ଜିଲା ପରାମର୍ଶଦାତା ଡା. ମନୋଜ କୁମାର ମହାପାତ୍ର ଯୋଗଦେଇ ନିଜ ବକ୍ତବ୍ୟରେ ଆସନ୍ତା ୨୫ରୁ ୨୭ ତାରିଖ ମଧ୍ୟରେ ରାଜଗାଙ୍ଗପୁର ସହରାଞ୍ଚଳର ସମସ୍ତ ବ୍ୟକ୍ତି କିପରି ଏହି କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହେବେ ସେ ବିଷୟରେ କହିଥିଲେ। ସୁନ୍ଦରଗଡ ଜିଲା ଫାଇଲେରିଆ ନିରାକରଣ ସଂଯୋଜକ ବିପିନ ମହାନନ୍ଦିଆ ପୌରାଞ୍ଚଳର ଲୋକ କିପରି ଫାଇଲେରିଆ ଔଷଧ ସେବନ କରିବେ ତାହା କହିଥିଲେ। ସଭାକାର୍ଯ୍ୟ ମାଲେରିଆ ପରିଦର୍ଶକ ବିବେକ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ଷେତ ପୋଖରୀ ବୁଲି ଦେଖିଲେ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶକ

**କୁଆଁରମୁଣ୍ଡା,୧୧।୨(ଡି.ଏନ.ଏ)**

ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଗୁରୁବାର ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ନିର୍ଦ୍ଦେଶକ ପଣ୍ଡା ପ୍ରଥମେ ପୁଟ୍ରିଖମଣ ପଞ୍ଚାୟତର ପାହାଟୋଲାର ଭୁଖଲା ଖାଖା ଓ ଖୁସି ସ୍ୱୟଂ ସାହାୟିକା ଗୋଷ୍ଠୀର ମିଳିତ ପ୍ରୟାସରେ କ୍ଷେତ ପୋଖରୀ ଚାଷକୁ ବୁଲି ଦେଖିଥିଲେ। ପୋଖରୀରେ ମାଛ ଚାଷ ସହ ପୋଖରୀ ହୁଡ଼ାରେ ଅମୃତଭଣ୍ଡା, ସଜନା, ବାଇଗଣ, ବିଲାତି ଇତ୍ୟାଦି ଚାଷକୁ ଦେଖି ନିର୍ଦ୍ଦେଶକ ପଣ୍ଡା ଖୁସିବ୍ୟକ୍ତ କରିଥିଲେ। ଚାଷ ସମ୍ପର୍କରେ ଚାଷୀମାନଙ୍କ ବିଶେଷ ଆଲୋଚନା କରିଥିଲେ। ଏହାପରେ ସେ ଝାରବେଡା ପଞ୍ଚାୟତର କର୍ମାବାହାଲ ଗ୍ରାମରେ ଏମ୍‌ଜିଏନ୍ଆରଇଜିଏସ୍‌ରେ କରାଯାଇଥିବା ଆମ୍ବ ଚାରା ରୋପଣ ତଦାରଖ କରିବା ସହ ଅନ୍ତଃଚାଷ ସମ୍ପର୍କରେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଜଳ ବିଭାଜିକା ବିଗାର ପିଡି ପୀତବାସ ସାହୁ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ରତୁପର୍ଣ୍ଣା ଜେନା, ମୃତ୍ତିକା ସଂରକ୍ଷଣ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ସେମିରେ ବଳଦମାଳ ଟିମ୍

**ବଡଗାଁ,୧୧।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁଠାରୁ ୧୭ କିମି ଦୂର ସମ୍ବଲପୁର ଜିଲା ବାମରା ବ୍ଲକର ସର୍ଗିଡିହି ଗ୍ରାମରେ ଅଖିଳ ଭାରତୀୟ ଭୂୟାଁ ସମାଜ ପକ୍ଷରୁ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାୟକ କିଶୋର କୁମାର ନାଏକ ମୁଖ୍ୟଅତିଥି ଓ ହୃଷିକେଶ ଅମାତ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଦ୍ୟାଧର ନାଏକ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ବିଧାୟକ ନାଏକ ଖେଳ ଓ ଖେଳାଳୀ ଉପରେ ବୁଝାଇ କହିଥିଲେ ଯେ, ସମାଜର ପ୍ରତ୍ୟେକ ଯୁବକ ଖେଳପ୍ରତି ନିଷ୍ଠା ରଖି ବୀର ମାଦ୍ରି କାଲୋଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ । ଟୁର୍ନାମେଣ୍ଟର ପ୍ରଥମ ଦିବସରେ ବଳଦମାଳ ଟିମ ସେମିଫାଇନାଲକୁ ଉନ୍ନିତ ହୋଇଛି ।



ଅଖିଳ ଭାରତୀୟ ଭୂୟାଁ ସମାଜ ପକ୍ଷରୁ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟନୀ ମୁହୂର୍ତ୍ତ।

### ସିପିଆଇଏମ୍‌ର କର୍ମୀ ସମ୍ମିଳନୀ

**ଲହୁଣୀପଡା,୧୧।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜ୍ଜିଂ ପଞ୍ଚାୟତର ବିରତୋଳାଠାରେ ସିପିଆଇଏମ ଲହୁଣୀପଡା ଆଞ୍ଚଳିକ କମିଟି ତରଫରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ଲହୁଣୀପଡା ବ୍ଲକ ଉପାଧ୍ୟକ୍ଷା ଶୁକ୍ରମତି ହାମାନ୍ତ ଓ ଗୋପନ ସରପଞ୍ଚ ରାଜେନ୍ଦ୍ର ମୁଣ୍ଡା ଯୋଗଦେଇଥିଲେ। ଆଞ୍ଚଳିକ କମିଟି ସମ୍ପାଦକ ଲାଲବାହାଦୁର ମାହାନ୍ତ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ବଣାଇ ବିଧାୟକ ମୁଣ୍ଡା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବାକୁ କହିଥିଲେ। ଦୁର୍ଯ୍ୟୋଧନ ମାହାନ୍ତ, ବିଜୟ ପାତ୍ର, ବାବୁରାମ ମାହାନ୍ତ, ରଞ୍ଜିତ ପତି, ମନୋଜ ବେହେରା, ଡିଳେଶ୍ୱର ବେହେରା, ଧନେଶ୍ୱର କିଶାନ, ଲାଲ ଓରାମ, ଗୋବର୍ଦ୍ଧନ କିଶାନ, ଚଳତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ରିକେଟ: ଫାଇନାଲରେ ୱାଇସିସି

**ରାଉରକେଲା ଅଫିସ,୧୨।୨**

ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପଡ଼ିଆରେ ୧୪ତମ ପ୍ରକାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ୱାଇସିସି ଓ ରାଇଜିଂ ଦଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ରାଇଜିଂ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରିଥିଲା। ଜବାବରେ ୱାଇସିସି ଦଳ ୪ ଉଇକେଟ ହରାଇ ଆବଶ୍ୟକ ରନ୍ କରି ମ୍ୟାଚ୍ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରଞ୍ଜିତ ସିଂ ୫୬ ବଲ ଖେଳି ସର୍ବାଧିକ ୭୧ ରନ୍ କରିଥିଲେ। ୱାଇସିସି ଦଳର ରଞ୍ଜିତ ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଏହି ମ୍ୟାଚ୍‌କୁ ଅଂଶୁମାନ ଗୋପ ଓ ଅତିଶ ଜେନା ପରିଚାଳନା କରିଥିବାବେଳେ ଦେବେନ୍ଦ୍ର ସେଠୀ ସ୍କୋରର ଥିଲେ। ରାଉରକେଲା ଯୁବ ବିଜେଡି ସଭାପତି ଶୁଶାନ୍ତ ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଆର୍‌ଏସ୍‌ଏ ଓ ଜେଡିସିସି କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ ।

**୫ ହଜାର ଗଞ୍ଜେଇ ଗଛ ନଷ୍ଟ**

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ୫ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଆମ୍ବଝରୀ ପଞ୍ଚାୟତର ବବଡା ଗ୍ରାମର ଆଭ୍ୟନ୍ତରୀଣ ଜଙ୍ଗଲ ଜମିରେ ହୋଇଥିବା ୧୭ ଏକର ଜାଗା ଉପରେ ଚଢାଉ କରି ୫ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଚଢାଉରେ ମାଜିଷ୍ଟ୍ରେଟ ଭାବରେ ଅତିରିକ୍ତ ତହସିଲଦାର ତ୍ରିଦେବ ରଥ,ଇନିସପେକ୍ଟର ବିଜୟ ଧରୁଆ, ଏସଆଇ ରମେଶ ମହାନ୍ତି, ଭଗବାନ ମହାନନ୍ଦନ, ରୂପେଶ ମୁଖୀ ପ୍ରମୁଖ ସାମିଲ ଥିଲେ ।



## ସଂକ୍ଷେପରେ

### ମାର୍ଚ୍ଚ ୨ରେ ଜନତା ଅଦାଲତ

ପଦ୍ମପୁର,୧୧।୨ (ଡି.ଏନ.ଏ): ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅଫିସ୍ ସମ୍ମୁଖରେ ମାର୍ଚ୍ଚ ୨ ତାରିଖରେ ଭାଜପା ପକ୍ଷରୁ ଜନତା ଅଦାଲତ କରାଯିବ। ଏହି ପରିପ୍ରେକ୍ଷୀରେ ଝାରବନ୍ଧ ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଭାଜପା ନେତା ହରିହର ସାହୁଙ୍କ ଅଧକ୍ଷତାରେ ଝାରବନ୍ଧ ଓ ଜଗଦଲପୁର ମଣ୍ଡଳ ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଝାରବନ୍ଧ ମଣ୍ଡଳ ସଭାପତି ମିଳନ ପାଣ୍ଡେ, ଜଗଦଲପୁର ମଣ୍ଡଳ ସଭାପତି ହରେକୃଷ୍ଣ ପଟେଲ, ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ସରପଞ୍ଚ କ୍ଷୀରସିନ୍ଧୁ ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଜନତା ଅଦାଲତରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ଝାରବନ୍ଧ ବ୍ଲକକୁ ଆସିଥିବା ଅର୍ଥର ବାଟମାରଣା, ପାଇଖାନା ଦୁର୍ନୀତି, ଆମ ଗାଁ ଆମ ବିକାଶ ଯୋଜନାର ଅର୍ଥ ବିନା କାର୍ଯ୍ୟରେ ଉଠାଣ, ଗୁହାଳ, ପ୍ରଧାନମନ୍ତ୍ରୀ ଆବାସ ଜାଲିଆତି, ଝାରବନ୍ଧ ବ୍ଲକରେ ଚାଷୀଙ୍କ ଲାପ୍ସ ଟୋକନକୁ ରିଜେନେରେଟ କରିବା ଆଦି ସମସ୍ୟା ଉପରେ ଆଲୋଚନା କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି ।

### ସଡକ ସୁରକ୍ଷା ସପ୍ତାହ ପାଳିତ

ପଦ୍ମପୁର,୧୧।୨ (ଡି.ଏନ.ଏ): ପଦ୍ମପୁର ଉପଖଣ୍ଡ ଲଖମରା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ହେମକାନ୍ତ ସୁନାଙ୍କ ତତ୍ତ୍ୱାବଧାନରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ଗାଇଡ୍ କ୍ୟାପ୍‌ଟେନ ରଶ୍ମିତା ଡନସନା ପ୍ରଥମେ ଗାଇଡ ଛାତ୍ରୀଛାତ୍ରମାନଙ୍କୁ ସଡକ ସୁରକ୍ଷା ଶପଥ ପାଠ କରାଇଥିଲେ। ପରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ପଥଚାରୀ, ବାଇକ ଆରୋହୀମାନଙ୍କୁ ସଚେତନ କରାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

### ଛତୁଚାଷ ତାଲିମ ଶିବିର

ଲୋଇସିଂହା,୧୧।୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗାଁ ଅଙ୍ଗନୱାଡି କେନ୍ଦ୍ରରେ ଚାଲିଥିବା ଛତୁ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶିବିରର ଉଦ୍‌ଯାପନୀ ଦିବସରେ ଏସବିଆଇ ଆରସେଟିର ନିର୍ଦ୍ଦେଶକ ଲକ୍ଷ୍ମୀଧର ମଲ୍ଲିକ ଅତିଥିଭାବେ ଯୋଗଦେଇଥିଲେ । ସେ ମହିଳାମାନଙ୍କୁ ଉଦ୍ୟୋଗୀ ହେବାକୁ ପରାମର୍ଶ ଦେଇଥିଲେ । ତାଲିମଦାତା ସୂର୍ଯ୍ୟମଣୀ ପଧାନ କହିଥିଲେ ଯେ, ବର୍ତ୍ତମାନ ଛତୁର ଚାହିଦା ବଢି ବଢିଚାଲିଛି। ରୋଜଗାର ଏକ ପ୍ରକୃଷ୍ଟ ମାଧ୍ୟମ ହୋଇଥିବାରୁ ଛତୁଚାଷ ପ୍ରତି ଲୋକେ ଆକର୍ଷିତ ହେଉଛନ୍ତି । ବଲାଙ୍ଗୀର ଏସବିଆଇ ଆରସେଟି ଆନୁକୂଲ୍ୟରେ ଅନୁଷ୍ଠିତ ୧୦ଦିନଆ ତାଲିମ ଶିବିରରେ ଏସ୍‌ଏଚ୍‌ଜିର ୩୫ଜଣ ସଦସ୍ୟା ତାଲିମ ଗ୍ରହଣ କରିଥିଲେ ।

### ଏସ୍‌ଏଚ୍‌ଜି ମହିଳାଙ୍କ କର୍ମଶାଳା

ବରଗଡ଼ ଅଫିସ୍,୧୧।୨: ବରଗଡ଼ ବ୍ଲକ ଗୋବିନ୍ଦପୁରରେ ଓଡ଼ିଶା ଜୀବିକା ମିଶନ ଆନୁକୂଲ୍ୟରେ ପଞ୍ଚାୟତସ୍ତରୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରତିଭା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସିଡ଼ିପିଓ ପୀରବତୀ ସାହୁ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ସୁପରଭାଇଜର ଅନନ୍ୟା ମହାପାତ୍ର ଯୋଗଦାନ କରିଥିଲେ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ କିଭଳି ସ୍ୱାବଲମ୍ବୀ ହୋଇ ରୋଜଗାରକ୍ଷମ ହୋଇପାରିବେ, ସେ ବିଷୟରେ ସେମାନେ ପରାମର୍ଶ ଦେଇଥିଲେ । ଏହା ସହିତ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଆର୍ଥିକ ସହାୟତା ରାଶିର ସୁବିନିଯୋଗ ବିଷୟରେ କହିଥିଲେ । ପ୍ରଥମ ପର୍ଯ୍ୟାୟରେ ବରଗଡ଼ ବ୍ଲକର ଗୋବିନ୍ଦପୁର, ଧାଙ୍ଗେର, କୁରୁଆଁ, କଳାପାଣି ଆଦି ପଞ୍ଚାୟତକୁ ୨୫ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ। ଗୋବିନ୍ଦପୁର ପଞ୍ଚାୟତସ୍ତରୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ଗଠିତ ହୋଇଥିଲା। ଝରଣା ଦାଶ ସଭାନେତ୍ରୀ, ମାଣିକ୍ୟ ବାରିକ ସମ୍ପାଦିକା, ଯାଜ୍ଞସେନୀ ସାହୁ ଉପସଭାନେତ୍ରୀ, ଅନ୍ତିମା ଭୁଏ ସହସମ୍ପାଦିକା, ଜ୍ୟୋତ୍ସ୍ନା ସେଠ କୋଷାଧ୍ୟକ୍ଷା ମନୋନୀତ ହୋଇଥିଲେ।

# ସରୁନି ବିସ୍ଥାପିତଙ୍କ ଦୁଃଖ

ବରଗଡ଼ ଅଫିସ୍,୧୧।୨

ହୀରାକୁଦ ନଦୀବନ୍ଧ ନିର୍ମାଣର ସାତ ଦଶନ୍ଧି ପରେ ମଧ୍ୟ ବିସ୍ଥାପିତଙ୍କୁ ସେମାନଙ୍କ ହକ୍ ମିଳିନାହିଁ । ସହସ୍ରାଧିକ ବାସ୍ତୁହରା ପରିବାରକୁ କ୍ଷତିପୂରଣ, ଅନୁଗ୍ରହ ରାଶି କିମ୍ବା ଘରଡ଼ିହ ପଟ୍ଟା ମିଳି ନାହିଁ । ଫଳରେ ସେମାନଙ୍କ ଦୁଃଖ ବଢ଼ିବାରେ ଲାଗିଛି। ଏଭଳି ଅଭିଯୋଗ ନେଇ ଗୁରୁବାର ହୀରାକୁଦ ବିସ୍ଥାପିତ କଲ୍ୟାଣ ସମିତିର ଆହ୍ୱାନ କ୍ରମେ ଶତାଧିକ କ୍ଷତିଗ୍ରସ୍ତ ପରିବାର ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ପୂର୍ବାହ୍ନ ୧୧ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଏହାସହିତ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ହୀରାକୁଦ ନଦୀବନ୍ଧ ନିର୍ମାଣ ଯୋଗୁ ବିସ୍ଥାପିତ ହୋଇଥିବା ୨୬ହଜାର ୫୦୧ ପରିବାର କେଉଁଠାରେ କିଭଳି ରହୁଛନ୍ତି, ତାର ଠିକ୍ ହିସାବ ସରକାରଙ୍କ ପାଖରେ ନାହିଁ । ବିଳମ୍ବରେ ହେଲେ ସୁଦ୍ଧା ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପତ୍ରସଂଖ୍ୟା–୫୫୩୩ ତା–୩୦।୧।୨୦୦୨ ଜରିଆରେ ପ୍ରତି ବିସ୍ଥାପିତ ପରିବାରକୁ ୧୦ଡେସିମିଲ ଲେଖାଏଁ ଘରଡ଼ିହ ଯୋଗାଇ ଦେବା ପାଇଁ ତହସିଲଦାର ଏବଂ ଜିଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ଆଦେଶ ପ୍ରକାଶ ପାଇବାର ୧୯ବର୍ଷ ବିତିଯାଇଥିବା ବେଳେ ମାତ୍ର ୨ହଜାର ବିସ୍ଥାପିତ ପରିବାରକୁ ଘରଡ଼ିହ ମିଳିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପଟେ ପ୍ରାୟ ୨୫ହଜାର ଆବେଦନ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼ ଜିଲାର ବିଭିନ୍ନ ତହସିଲରେ ପଡ଼ି ରହିଛି। ପ୍ରଶାସନିକ ଉଦାସୀନତା ଯୋଗୁ ବାସ୍ତୁହରାଙ୍କୁ ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି ।

ନିକଟରେ ହୀରାକୁଦ ବିସ୍ଥାପିତ କଲ୍ୟାଣ ସମିତିର ଅଧ୍ୟକ୍ଷା ଶୈଳବାଳା ପ୍ରଧାନ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ଙ୍କ ନିକଟରେ ସେ ସମ୍ପର୍କରେ ପିଟିଶନ ଦାଖଲ କରିଥିଲେ। ଏନ୍‌ଏଚ୍‌ଆରସି ବିଚାର କରି ମୁଖ୍ୟ ଶାସନ ସଚିବଙ୍କୁ ହୀରାକୁଦ ବାସଚ୍ୟୁତଙ୍କ କ୍ଷତିପୂରଣ, ଥଇଥାନ ସମ୍ପର୍କୀତ ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ବିସ୍ଥାପିତଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର ହୋଇଛି ଏବଂ ବିସ୍ଥାପିତମାନେ ସେମାନଙ୍କ ହକ୍ ପାଇବା ଆଶା ନେଇ ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେବା ସହିତ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ହୀରାକୁଦ ବିସ୍ଥାପିତ କଲ୍ୟାଣ ସମିତିର ଅଧ୍ୟକ୍ଷା ପ୍ରଧାନ, ଚାଷୀନେତା ଲିଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ ।


ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ହୀରାକୁଦ ବିସ୍ଥାପିତଙ୍କ ଧାରଣା ।

- ଜିଲାପାଳଙ୍କ ଅଫିସ ଆଗରେ ଧାରଣା
- ହୀରାକୁଦ ନଦୀବନ୍ଧ ପାଇଁ ବାସ୍ତୁହରା ହୋଇଥିଲେ

# ସରିଲା ସମିତି ସଭ୍ୟ ଉପନିର୍ବାଚନ

ଲାଠୋର, ୧୧।୨ (ଡି.ଏନ.ଏ)

**ବେନ୍ଦେର ପଞ୍ଚାୟତ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେନ୍ଦେର ପଞ୍ଚାୟତ ସମିତି ସଭ୍ୟ ପାଇଁ ଗୁରୁବାର ଶାନ୍ତିଶୃଙ୍ଖଳାରେ ଉପନିର୍ବାଚନ ସରିଛି। ମୋଟ ୭୬.୦୩ ପ୍ରତିଶତ ଭୋଟର ମତଦାନ କରିଛନ୍ତି। ଶୁକ୍ରବାର ଭୋଟ ଗଣତି କରି ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ବିଡିଓ ତରଣୀ ସୁନା କହିଛନ୍ତି। ଗତ ଜାନୁୟାରୀ ୨୦୨୦ରେ ସମିତି ସଭ୍ୟ ଲକ୍ଷ ପ୍ରଧାନଙ୍କ ମୃତ୍ୟୁ ଘଟିବା ପରେ ଏହି ପଦୀବ ଖାଲି ପଡିଥିଲା। ଫେବୃୟାରୀ ୧୧ରେ ଉପନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ଦୁଇ ଜଣ ପ୍ରାର୍ଥୀ ଅର୍ଜୁନ ପ୍ରଧାନ ଏବଂ ଲଛମନ ନାଗ ନାମାଙ୍କନ ପତ୍ର ଦାଖଲ କରିଥିଲେ। ୧୧ ଗୋଟି ବୁଥରେ ମତଦାନ ବ୍ୟବସ୍ଥା କରାଯାଇଥିଲା। ବୁଥ ନମ୍ବର ୧, ୨, ୩ , ୪ ରେ ୫୨୪ ଜଣ ମତଦାତା ନିଜର ମତଦାନ ସାବ୍ୟସ୍ତ କରିଥିବା ବେଳେ ବୁଥ ନମ୍ବର ୫, ୬, ୭, ୮ରେ ୬୫୮ ଏବଂ ବୁଥ ନମ୍ବର ୯, ୧୦, ୧୧ରେ ୩୮୫ ଏହିପରି ସର୍ବମୋଟ ୧୫୬୭ ମତଦାତା ମତଦାନ ସାବ୍ୟସ୍ତ କରିଛନ୍ତି। ସେଥିରୁ ୭୪.୩୨ ପ୍ରତିଶତ ପୁରୁଷ ମତଦାତା ରହିଥିବା ୭୭.୮୬ ପ୍ରତିଶତ ମହିଳା ମତଦାତା ରହିଛନ୍ତି।

# ୧୦ ଦଫା ଦାବି କଲେ ବୁଣାକାର

ବରଗଡ଼ ଅଫିସ୍,୧୧।୨

ବରଗଡ଼ ଜିଲାର ମାଁ ସମଲେଇ ସମ୍ବଲପୁରୀ କପଡ଼ା ବଜାର ବୁଣାକାର ସଂଘ ବେହେରା ପକ୍ଷରୁ ୧୦ଦଫା ଦାବି ନେଇ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କରୋନା କାଳରେ ସେମାନଙ୍କ ଜୀବିକା ପ୍ରଭାବିତ ହୋଇଥିବାରୁ ସେମାନଙ୍କୁ ସହାୟତା ପ୍ରଦାନ ପାଇଁ ବୁଣାକାରମାନେ ଦାବି କରିଛନ୍ତି । ପ୍ରତି ବୁଣାକାର ପରିବାରକୁ ବିନା ସୁଧରେ ଋଣ ଯୋଗାଣ, ନକଲି ସମ୍ବଲପୁରୀ ଶାଢ଼ି ତିଆରି କରୁଥିବା କାରଖାନା ଉପରେ କାର୍ଯ୍ୟାନୁଷ୍ଠାନ, ବରଗଡ଼ ସହରରେ ରହିଥିବା ସୂତା ବ୍ୟାଙ୍କକୁ ବେହେରା(ବାଲିଜୁରୀ) ବଜାରରେ ଖୋଲାଯିବା, ବୁଣାକାରଙ୍କୁ ୫୦ବର୍ଷ ବୟସରୁ ଭତ୍ତା ପ୍ରଦାନ, ମାସିକ ୩ହଜାର ଟଙ୍କା ଭତ୍ତା ପ୍ରଦାନ ଆଦି ଦାବି ରହିଛି । ସଂଘ ସଭାପତି ଅଯୋଧ୍ୟା ମେହେର, ସମ୍ପାଦକ ଗାନ୍ଧୀ ମେହେରଙ୍କ ନେତୃତ୍ୱରେ ବୁଣାକାରମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# କଳା, ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ଆହ୍ୱାନ


ବ୍ଲକସ୍ତରୀୟ ପୁଷପୁନି ଭେଟ୍ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଦେଓଗାଁ,୧୧।୨(ଡି.ଏନ.ଏ.)

**ଖଲିଆପାଲିରେ ପୁଷପୁନି ଭେଟ ଉତ୍ସବ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲିରେ ଗୁରୁବାର ବ୍ଲକସ୍ତରୀୟ ପୁଷପୁନି ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଳାକାର ସଂଘ ଉପସଭାପତି ସୁଦାମ ଚରଣ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଡିଓ ରୁଦ୍ର ପ୍ରସାଦ ସୁନା ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଗୁରୁଶ୍ରୀ ଘାସିରାମ ମିଶ୍ର ଯୋଗଦେଇ ନିଜ ସଂସ୍କୃତି ଓ କଳାକୁ ଉଜ୍ଜିବିତ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ନିଜ କଳା ସଂସ୍କୃତିକୁ ଅପଭ୍ରଂଶ କରନ୍ତୁ ନାହିଁ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ସଂକୀର୍ତ୍ତ୍ୟନ୍ୟ ଗୁରୁ ପରମାନନ୍ଦ ମାଝୀ, ଶିକ୍ଷାବିତ୍ ସାରଙ୍ଗଧର ଠାକୁର, ବିଶିଷ୍ଟ କଳାକାର ନବୀନ କୁଅଁର, ବାସୁଦେବ ସା., ଡା. ଲଳିତ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ମାଲି ମେଶୁଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃଷ୍ଣପ୍ରସାଦ ପାଣିଗ୍ରାହୀ, କିଶୋର କୁମାର ସାହୁ ଓ ଶରତ କୁମାର ପୁଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ୧୫ଟି ଗୋଷ୍ଠୀଗତ ଓ ଏକକ କଳା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଦେଷଣ୍ଡ, ସିଂହାମୁଣ୍ଡା, ରାମଚନ୍ଦ୍ରପୁର ଓ ଡୁମେରପିଟା ପଞ୍ଚାୟତର କଳାକାରମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସୁରଥ ଧାରୁଆ।

# ପରିବାର ଲୋକଙ୍କ ହତ୍ୟା ଅଭିଯୋଗ

**ରେଳ ଧାରଣାରୁ ମିଳିଥିବା ମୃତଦେହ ଚିହ୍ନଟ**

ଲଖନପୁର,୧୧।୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଇବ୍ ରେଳଷ୍ଟେଶନ୍ ନିକଟ ରେଳଧାରଣାରୁ ମିଳିଥିବା ମୃତଦେହର ପରିଚୟ ମିଳିଛି। ଏହି ଯୁବତୀ ଜଣକ ବ୍ରଜରାଜନଗର ଥାନା ଲମଟିବାହାଲର ମୋନିକା ଯୋଶୀ ବୋଲି ଜଣାପଡିଛି। ଜିଆର୍‌ପି ଯୁବତୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଝାରସୁଗୁଡା ଜିଆର୍‌ପି ଥାନାରେ ଏକ ମାମଲା ରୁଜୁ ହୋଇଛି। ଯୁବତୀଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଜିଆର୍‌ପି ଯୁବତୀଙ୍କ ଘରେ ପହଞ୍ଚି ସମ୍ପର୍କୀୟଙ୍କୁ ପଚରାଉଚରା ଚଳାଇଛି। ତଦନ୍ତକାରୀ ଜିଆର୍‌ପି ଅଧିକାରୀ ଜ୍ୟୋତ୍ସ୍ନା ସେଠ କହିଛନ୍ତି, ଇବ୍ ରେଳଷ୍ଟେଶନ ଓ ବ୍ରଜରାଜନଗରର ବିଭିନ୍ନ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯିବ। ସୂଚନାଯୋଗ୍ୟ ବୁଧବାର ଯୁବତୀ ଜଣକ ଘରୁ ବାହାରି କମ୍ପ୍ୟୁଟର ସେଣ୍ଟରକୁ ଯାଇଥିଲେ। କିନ୍ତୁ ପରେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ଝିଅର ସନ୍ଧାନ ନ ପାଇ ବ୍ରଜରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନିଖୋଜ ମାମଲା ରୁଜୁ କରିଥିଲା। ଏଭଳିସ୍ଥିତିରେ ରେଳଧାରଣାରୁ ଅଜଣା ଯୁବତୀଙ୍କ ମୃତଦେହ ମିଳିଥିଲା। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ।

# ଦର୍ପନ ଫିଚର ଫିଲ୍ମର ଅଡିସନ ସରିଲା



ଦର୍ପନ୍ ଫିଚର ଫିଲ୍ମ ଅଡିସନ୍‌ରେ ଭାଗ ନେଇଥିବା ପ୍ରତିଯୋଗୀ ଓ ବିଚାରକ ।

ବଲାଙ୍ଗୀର ଅଫିସ,୧୦।୨

ବଲାଙ୍ଗୀର ଯାଦବ ଭବନଠାରେ କୋଶଲୀ ଫିଚର ଫିଲ୍ମ ଦର୍ପନର ଅଡିସନ୍ ଗୁରୁବାର ଅନୁଷ୍ଠିତ ହୋଇଛି। ଟେଲିଫିଲ୍ମ ଅଡିସନ ବ୍ରହ୍ମାନନ୍ଦ ବନଛୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଯୋଜକ ବିନ୍ଦୁ ନାଏକ, ଲେଖକ ପ୍ରଦୀପ ଡି ମାଝି, କ୍ୟାମେରାମେନ ଜୟଶଙ୍କର ପ୍ରଧାନ ଓ ସଙ୍ଗୀତ ନିର୍ଦ୍ଦେଶକ ପଙ୍କଜ ଜାଲ ଉପସ୍ଥିତ ଥିଲେ। ଏଥିରେ ୨୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଗୋପାଳ ପଧାନ, କପିଳେଶ୍ୱର ଖମାରୀ, ବ୍ରହ୍ମାନନ୍ଦ ବନଛୋର ଦାୟିତ୍ୱ ତୁଲାଇ ଥିଲେ।

# ସନ୍ଧାନୀ କୁକୁର ସାହାଯ୍ୟରେ ପୋଲିସର ତଦନ୍ତ

ସମ୍ବଲପୁର,୧୧।୨ (ବ୍ୟୁରୋ)

**ଶିଶୁର ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣା**

ବୁର୍ଲା ଥାନା ଭିମସାର ମେଡିକାଲର ପଛପଟ କେନାଲ ପାର୍ଶ୍ୱରୁ ପୋଲିସ ବୁଧବାର ଏକ ଶିଶୁର ମୁଣ୍ଡବିହୀନ ମୃତଦେହ ଉଦ୍ଧାର କରିଥିଲା। ଗୁରୁବାର ସନ୍ଧାନୀ କୁକୁର ସାହାଯ୍ୟରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତଦେହ ପଡିଥିବା ସ୍ଥାନକୁ ଯାଇ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଥିଲେ। ସନ୍ଧାନୀ କୁକୁର ଘଟଣାସ୍ଥଳରୁ ଭିମସାର ମେଡିକାଲ ଶିଶୁ ବିଭାଗ ନିକଟକୁ ଆସିଥିଲା। ତେଣୁ ମୃତ ଶିଶୁ ଭିମସାରରୁ ବାହାରିଥିବା ପୋଲିସ ସ୍ପଷ୍ଟ କରିଛି। ଥାନା ଅଧିକାରୀ ବି.ବି. ଭୋଇ କହିଛନ୍ତି, ବୁର୍ଲାରେ ୩ ଦିନ ଭିତରେ ୯ ଶିଶୁଙ୍କୁ ମୃତ୍ୟୁ ଘଟିଲାଣି। ୪ ପରିବାରଙ୍କ ସହ ଯୋଗାଯୋଗ କରାଯାଇଛି। ୨ ପରିବାର କେନାଲ ପାର୍ଶ୍ୱରେ ମୃତ ଶିଶୁଙ୍କୁ ପୋତିଥିବା କହିଥିଲେ। ଅଧିକ ତଦନ୍ତ କରାଯାଉଛି। ଭିମସାର କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ଯୋଗାଯୋଗ ହୋଇଛି।

### ଗଞ୍ଜେଇ ସହ ୨ ବାଇକ୍ ଜବତ: ୪ ଗିରଫ

ରେଢାଖୋଲ,୧୧।୨ (ଡି.ଏନ.ଏ.): ସମ୍ବଲପୁର ଜିଲା ଚାରମାଳ ପୋଲିସ ଗୁରୁବାର ୫୫ନଂ. ଜାତୀୟ ରାଜପଥର ପ୍ରଧାନପାଲି ଛକରୁ ୨ ବାଇକ୍ ସହ ୧୦ କେଜି ଗଞ୍ଜେଇ ଜବତ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ଗିରଫ ବ୍ୟକ୍ତିମାନେ ଛତିଶଗଡ ରାଜ୍ୟ ତୁମଲା ଥାନା ଖୁଟସରର କେଦାରନାଥ ଯାଦବ, ଗଞ୍ଜିଆଡିହିର ଡିଲେଶ୍ୱର ରାମ ଯାଦବ, ବୌଦ୍ଧ ଜିଲା ଦେବନ୍ଧର ପ୍ରସନ୍ନ ନାଏକ, ମଥୁରାର ତପନ ବାଘ ବୋଲି ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ଜବତ ବାଇକ୍ ମଧ୍ୟରୁ ଗୋଟିଏ ଓଡି୧୯କେ –୬୬୦୧ ହୋଇଥିବାବେଳେ ଅନ୍ୟଟି ନମ୍ବରବିହୀନ।

# ‘ସହଯୋଗ କଲେ ବଦଳିବ ରୂପ’

କୁଚିଣ୍ଡା,୧୧।୨ (ଡି.ଏନ.ଏ.)

**କୁଚିଣ୍ଡା ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କଲେ ମନ୍ତ୍ରୀ**

କୁଚିଣ୍ଡା ଏନ୍‌ଏସି ତତ୍ତ୍ୱାବଧାନରେ ୧.୭ କୋଟି ଅର୍ଥ ବ୍ୟୟରେ ନବନିର୍ମିତ ବସ୍‌ଷ୍ଟାଣ୍ଡକୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ଉଦ୍‌ଘାଟନ କରିଛନ୍ତି। ପରେ ମନ୍ତ୍ରୀ ସାମ୍ବାଦିକ ଭବନ ପଛପଟେ ହେବାକୁଥିବା ସ୍ମାର୍ଟ ପାର୍କର ଭୂମିପୂଜନ ସହ ଝୁଲେନପୋଲ ନିକଟରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ଟାଉନ ହଲ୍‌ଠାରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ନବୀନ ସରକାର ଉପରେ ବିଶ୍ୱାସ ରଖି ସହଯୋଗ କଲେ କୁଚିଣ୍ଡାର ରୂପ ବଦଳିବ ବୋଲି ବକ୍ତବ୍ୟ ରଖିଥିଲେ। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଜେନା, ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ, ସମ୍ବଲପୁର ଜିଲା ବିଜେଡି ପର୍ଯ୍ୟବେକ୍ଷକ ନଳିନୀ ପ୍ରଧାନ, ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ଜମନକିରା ବ୍ଲକ ସଭାପତି ସ୍ନିଗ୍ଧା ପଟେଲ, ଜମନକିରା ବ୍ଲକ ଚେୟାରମ୍ୟାନ ଅରୁଣ ନାଏକ, ବାମରା ବ୍ଲକ ସଭାପତି ରାଜୁ ଶୁକ୍ଳା, ବାମରା ବ୍ଲକ ଚେୟାରମ୍ୟାନ ସଦାନନ୍ଦ କୁଜୁର, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଏନ୍‌ଏସି ସଭାପତି ସଞ୍ଜୟ ବେହେରା, ଜିଲା ପରିଷଦ ସଭ୍ୟା କୁମୁଦିନୀ ପଟେଲ, ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ ବାବୁ, ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ଭୁବନେଶ୍ୱର କିଷାନ, ଯୁବ ସମ୍ପାଦକ ଲକ୍ଷ୍ମୀ ମହାପାତ୍ର ପ୍ରମୁଖ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ।


କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ।

# କାରାଗାରରେ କଏଦୀଙ୍କୁ ଶିକ୍ଷାଦାନ ବ୍ୟବସ୍ଥା

ସମ୍ବଲପୁର,୧୧।୨(ବ୍ୟୁରୋ)

**ଓଏସ୍‌ଓୟୁର ଅଭିନବ ପ୍ରୟାସ**

- ନାମ ଲେଖାଇଲେ ୧୨ କଏଦୀ, ୬ କର୍ମଚାରୀ
- ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହେଲା
- ମୁକ୍ତ ହେବା ପରେ ମୁଖ୍ୟ ସୋତ୍ରରେ ସାମିଲ ଲକ୍ଷ୍ୟ

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି। ସମ୍ବଲପୁର ମଣ୍ଡଳ କାରାଗାରରେ କଏଦୀମାନଙ୍କୁ ବିଭିନ୍ନ ବିଷୟରେ ଶିକ୍ଷାଦାନ କରିବା ଯୋଜନା କରିଛି। ଗୁରୁବାର ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ମଣ୍ଡଳ କାରାଗାର ପରିସରରେ ଓଏସ୍‌ଓୟୁ କୁଳପତି ଅର୍କ କୁମାର ଦାସମହାପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାରାଜୁ, ଓଏସ୍‌ଓୟୁ ରେଜିଷ୍ଟ୍ରାର ମାନସ ରଞ୍ଜନ ପୂଜାରୀ, ସମ୍ବଲପୁର ରେଞ୍ଜ ଜେଲ ଡିଆଇଜି ରାଜ କୁମାର ସାହୁ, ଜେଲ ସୁପରିଣ୍ଟେଣ୍ଡେଣ୍ଟ ବୀରେନ ସାହୁ, ଓଏସ୍‌ଓୟୁ ପ୍ଲେସମେଣ୍ଟ ଅଧିକାରୀ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜେଲର ଆଲୋକ ପ୍ରିୟଦର୍ଶୀ କର ଅତିଥି ପରିଚୟ ସହ ଧନ୍ୟବାଦ ଦେଇଥିଲେ। ମୋଟ ୧୨ ଜଣ କଏଦୀ ଓ ୬ ଜଣ ଜେଲ କର୍ମଚାରୀ ନାମ ଲେଖାଇଥିବା ଜଣାପଡିଛି। ଚଳିତ ଶିକ୍ଷାବର୍ଷରୁ ସେମାନେ ଓଏସ୍‌ଓୟୁ ଛାତ୍ର ହୋଇଛନ୍ତି।

ଏହି ଅବସରରେ ଓଏସଓୟୁ କୁଳପତି ପ୍ରଫେସର ଦାସମହାପାତ୍ର କହିଥିଲେ, ପାଠ ପଢିବା ପାଇଁ ବୟସ, ସ୍ଥାନ ମାନେ ରଖେ ନାହିଁ। କେବଳ ଦୃଢ ଇଚ୍ଛାଶକ୍ତି ଆବଶ୍ୟକ। ଏବେ ଛାତ୍ର ସଂଖ୍ୟା କମ୍ ରହିଛି। ଇଚ୍ଛା ଥିବା ସମସ୍ତ କଏଦୀଙ୍କୁ ଶିକ୍ଷାଦାନ କରାଯିବ। ସେମାନେ ଜେଲରୁ ମୁକ୍ତ ହେବା ପରେ ରୋଜଗାରକ୍ଷମ ହୋଇପାରିବେ। ସମାଜର ମୁଖ୍ୟ ସୋତ୍ରରେ ସାମିଲ ହୋଇପାରିବେ। ପ୍ରତି ମାସରେ କେବଳ ୪ଦିନ ଶିକ୍ଷାଦାନ କରାଯିବ। ଜେଲ ପରିସରରେ ଅନ୍‌ଲାଇନ କ୍ଲାସ ହୋଇପାରିବ ନାହିଁ। ତେଣୁ ଅଧ୍ୟାପକମାନେ ଜେଲକୁ ଆସି ପାଠ ପଢାଇବେ। ସେମାନଙ୍କୁ ମାଗଣାରେ ଶିକ୍ଷାଦାନ କରାଯିବ। ଆଡ୍‌ମିଶନ କିମ୍ବା ଅନ୍ୟ କୌଣସି ଫି ଦେବାକୁ ପଡିବ ନାହିଁ। ମାଗଣାରେ ବହି ଓ ଅନ୍ୟ ଉପକରଣ ଯୋଗାଇ ଦିଆଯିବ। ଜେଲ ଭିତରେ ପରୀକ୍ଷା ଦେବାର ବ୍ୟବସ୍ଥା ମଧ କରାଯିବ। ସମ୍ବଲପୁର ସମେତ ଆଉ ୩ ଜେଲରେ ପର୍ଯ୍ୟାୟକ୍ରମେ ଏହି ପାଠ୍ୟକ୍ରମ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ ।



କାରାଗାରରେ ଶିକ୍ଷାଦାନ ବ୍ୟବସ୍ଥାର ଶୁଭାରମ୍ଭ କରାଯାଉଛି।

## ଶିଶୁ ସମ୍ପର୍କ ଯାତ୍ରା

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଲ୍ଲୀଆଲୋକ ପାଠାଗାର ଆନୁକୂଲ୍ୟରେ ଭରସୁଜା ପଞ୍ଚାୟତ ସଭାଗୃହଠାରେ ଶିଶୁ ସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଅଙ୍ଗନୱାଡି କର୍ମୀ, ଆଶା ଦିଦି, କିଶୋରୀ ବାଳିକା,ବାଳକ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଗଣେଶ ସାହୁ ଅଧ୍ୟକ୍ଷତା କରିଥିଲେ। ସିଡବ୍ଲୁସି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି, ସୁମିତା ତ୍ରପଠୀ ଓ ଗୋଦାବରୀ ରଥ ଅତିଥିଭାବେ ଯୋଗ ଦେଇଥିଲେ। ସିଡବ୍ଲ୍ୟୁସିର କର୍ମଚାରୀମାନେ ଶିଶୁ ସୁରକ୍ଷା, ଶିଶୁ ଅଧିକାର ଓ ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ଆଲୋଚନା କରିଥିଲେ। ହିରାଲାଲ ମିଶ୍ର, ଗୋବିନ୍ଦ ବିଶି, ପ୍ରହଲ୍ଲାଦ ପ୍ରଧାନ, ପ୍ରଶାନ୍ତ କୁଅଁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ସଂକ୍ଷେପରେ**

## କଂଗ୍ରେସର ନୂଆ ବ୍ଲକ, ପୌରାଞ୍ଚଳ ସଭାପତି

ବରଗଡ଼ ଅଫିସ୍, ୧୧।୨: ବରଗଡ଼ ଜିଲାରେ କଂଗ୍ରେସର ନୂଆ ବ୍ଲକ ଓ ପୌରାଞ୍ଚଳ ସଭାପତି ମନୋନୀତ କରାଯାଇଛି। ଏ ନେଇ ଜିଲା କଂଗ୍ରେସ ସଭାପତି ନୀହାର ରଞ୍ଜନ ମହାନନ୍ଦ ସୂଚନା ଦେଇଛନ୍ତି। ପିସିସି ଅନୁମୋଦନ କ୍ରମେ ଦିଲୀପ କୁମାର ଦାନୀ ପଦ୍ମପୁର ଏନଏସି, ଚମ୍ପକ ପୁରୋହିତ ପଦ୍ମପୁର ବ୍ଲକ, ବିନୋଦ ବିଶ୍ୱାଳ ପାଇକମାଲ, ମୁଜାଫର ହୁସେନ ଝାରବନ୍ଧ, ଧ୍ରୁବରାଜ ରାଉତ ଭଟଲି, ସୁବାସ ବେହେରା ଅମ୍ବାଭୋନା, ଚୂଡ଼ାମଣି ପ୍ରଧାନ ସୋହେଲା, ସୁଧୀର ଜେନା ବରଗଡ଼ ମ୍ୟୁନିସିପାଲିଟି, ଅନନ୍ତ ତାଣ୍ଡି ବରଗଡ଼ ବ୍ଲକ ସଭାପତି ଭାବେ ମନୋନୀତ ହୋଇଛନ୍ତି । ସେହିପରି ହାରାଧନ ମେହେର ବରପାଲି ଏନ୍ଏସି, ଫକୀର ପ୍ରଧାନ ବରପାଲି ବ୍ଲକ, କଲ୍ୟାଣୀ ମିଶ୍ର ବିଜେପୁର, ଘନଶ୍ୟାମ ପାତ୍ର ଗାଇସିଲେଟ, ରମେଶ କୁମାର ପଣ୍ଡା ଭେଡ଼େନ, ଦୟାସାଗର ମେଣ୍ଡଲି ଅତାବିରା ବ୍ଲକ ଏବଂ ଅବିନାଶ ପ୍ରଧାନ ଅତାବିରା ଏନଏସି ସଭାପତି ଭାବେ ମନୋନୀତ ହୋଇଥିବା ଜିଲା କଂଗ୍ରେସ ସଭାପତି ମହାନନ୍ଦ ସୂଚନା ଦେଇଛନ୍ତି ।

## ପାତାଳି ମହୋତ୍ସବ ପାଇଁ କଳସ ଯାତ୍ରା

ଉଲୁଣ୍ଡା, ୧୧।୨ (ଡି.ଏନ.ଏ): ଉଲୁଣ୍ଡା ବ୍ଲକ କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ରରେ ୧୬ତମ ପାତାଳି ମହୋତ୍ସବ ପାଇଁ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ପରିଷଦ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ମହିଳାମାନେ ଏକ ଶୋଭାଯାତ୍ରାରେ ଗୁପ୍ତେଶ୍ୱର ପୋଖରୀରୁ କଳସରେ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ଡୁମୁରୀର ମହିଳା ସଂକୀର୍ତ୍ତନ ଦଳ ସମେତ ୫୦ ଜଣ କଳାକାର ଯୋଗଦେଇଥିଲେ । ୧୨ ତାରିଖରୁ ୮ଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ୫୬ ପ୍ରହର ନାମଯଜ୍ଞ, ଘୃତଯଜ୍ଞ, ଭାଗବତ ସପ୍ତାହ ପାରାୟଣ, ଧର୍ମସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ପରିଚାଳନା ପରିଷଦ ସମ୍ପାଦକ ଉତର ପାତ୍ର, ଟ୍ରଷ୍ଟି ସଦସ୍ୟ ପ୍ରୋଗ୍ରାମ କୋଅର୍ଡିନେଟର ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଜାନକୀରାମ ଦେହେରୀ, ମହାଦେବ ସାହୁ, ଜଗଦୀଶ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ ।

# ଧାନ ଉଠାଣ ଦାବି ତେଜିଲା

ବରଗଡ଼ ଅଫିସ୍/ପଦ୍ମପୁର,୧୧।୨


ବରଗଡ଼ ଜିଲାପାଳ ଅଫିସ ଆଗରେ ଚାଷୀଙ୍କ ଧାରଣା ।

- ସିଏସ୍ଓ, ଡିଆର୍ସିଏସ୍ ଅଫିସରେ ତାଲା ପକାଇଲେ
- ଜିଲାପାଳଙ୍କ ଅଫିସ ଆଗରେ ଚାଷୀନେତାଙ୍କ ଧାରଣା
- ଉପଜିଲାପାଳଙ୍କ ଅଫିସରେ ଧାନ ବୋଝେଇ ଟ୍ରାକ୍ଟର ରଖିଲେ
- ଚତୁର୍ଥ ଦିବସରେ ଅମ୍ବାଭୋନା ଚାଷୀ ଆନ୍ଦୋଳନ

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହରେ ଅବ୍ୟବସ୍ଥାକୁ ନେଇ ଚାଷୀ ଆନ୍ଦୋଳନ ତେଜି ଉଠିଛି। ଧାନ ଉଠାଯାଉ ନ ଥିବାରୁ ଗୁରୁବାର ଚାଷୀମାନେ ଜିଲା ଯୋଗାଣ ଅଧିକାରୀ ଏବଂ ସମବାୟ ଉପନିବନ୍ଧକଙ୍କ ଅଫିସରେ ତାଲା ପକାଇ ଥିବାବେଳେ ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ପଞ୍ଚାନନ ଦଳପତି, ରବିନ୍ଦ୍ର ବିଶିଙ୍କ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିପରି ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଧାନ ବୋଝେଇ ଟ୍ରାକ୍ଟର ଧରି ପଦ୍ମପୁର ଉପଜିଲାପାଳଙ୍କ ଅଫିସକୁ ପହଞ୍ଚି ଅଚଳ କରି ଦେଇଛନ୍ତି । ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଧାରଣାସ୍ଥଳୀକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ତାହା ଫଳପ୍ରଦ ହୋଇ ନ ଥିଲା। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଚାଷୀଙ୍କ ସହିତ ଆଲୋଚନା କରୁଛନ୍ତି। କିନ୍ତୁ ଖବର ଲେଖାହେବା ସୁଦ୍ଧା (ସନ୍ଧ୍ୟା ୭ଟା) କିଛି ନିର୍ଯାସ ବାହାରି ପାରିନାହିଁ। ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ, ଆବାହକ ଅଶୋକ ସାହୁ, ରୋହିତ ପ୍ରଧାନ, କୈଳାସ ବାରିକ ପ୍ରମୁଖ ଏଠାରେ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ସ୍ଥାନୀୟ ବଣିକ, ଓକିଲ ସଂଘ ଏବଂ ନାଗରିକ କମିଟି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଚାଷୀନେତା ରମେଶ ମହାପାତ୍ର, ଜୟ କିଶାନ ଆନ୍ଦୋଳନର ହର ବଣିଆ ପ୍ରମୁଖ ସେଠାକୁ ପହଞ୍ଚି ଉଦ୍‌ବୋଧନ ଦେଇଥିବା ଆମ ପଦ୍ମପୁର ପ୍ରତିନିଧି ସୂଚନା ଦେଇଛନ୍ତି । ଅନୁରୂପ ଭାବେ ଅମ୍ବାଭୋନାରେ ଲାଲ ବାହାଦୂର ଶାସ୍ତ୍ରୀ କୃଷକ ସଙ୍ଗଠନ ନେତୃତ୍ୱରେ ୪ ଦିନ ହେଲା ଚାଷୀ ଆନ୍ଦୋଳନ ଜାରି ରହିଛି । ସୋମବାର ଅଞ୍ଚଳର ଚାଷୀମାନେ ଭୁକ୍ତା ମାର୍କେଟ ୟାର୍ଡ଼ ଆଗରେ ରାସ୍ତାରୋକୋ କରିଥିବାବେଳେ ମଙ୍ଗଳବାରଠାରୁ ବ୍ଲକ, ତହସିଲ ଅଫିସକୁ ଅଚଳ କରି ଦେଇଛନ୍ତି। ସଙ୍ଗଠନ ସଭାପତି ଠାକୁରରାମ ପଟେଲଙ୍କ ନେତୃତ୍ୱରେ ଚାଷୀମାନେ ଏଠାରେ ଆନ୍ଦୋଳନ ଚଳାଇଛନ୍ତି ।

## ସ୍ୱଧାର ଗୃହ ପାଚେରି ଡେଇଁ ଯୁବତୀ ଫେରାର

ଅମରପାଲି,୧୧।୨ (ଡି.ଏନ.ଏ.)

- ସପ୍ତାହକ ମଧରେ ଦ୍ୱିତୀୟ ଘଟଣା
- ସଂଗଠନର ଦାୟିତ୍ୱ ନେଇ ଉଠିଲା ପ୍ରଶ୍ନ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଲାଡୁରପେଟ ନିକଟ ସ୍ୱଧାର ଗୃହ ପାଚେରି ଡେଇଁ ଜଣେ ଯୁବତୀ ଫେରାର ହୋଇଯାଇଛନ୍ତି। ଫେରାର ହେବା ଚାରିଦିନ ବିତି ସାରିଥିଲେ ମଧ ଏଯାଏ ଯୁବତୀଙ୍କର ପତ୍ତା ମିଳିନାହିଁ। ଫଳରେ ସ୍ୱଧାର ଗୃହକୁ ପରିଚାଳନା କରୁଥିବା ସଂସ୍ଥାର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ଦେଖାଯାଇଛି। ଗତ ଶନିବାର ସନ୍ଧ୍ୟା ୭ଟାରୁ ୮ଟା ମଧରେ ଯୁବତୀ ଜଣକ ନିଖୋଜ ହୋଇଥିବା ସ୍ୱଧାର ଗୃହ ଅଧିକ୍ଷା ଭାଗ୍ୟଲକ୍ଷ୍ମୀ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଏକ ମାମଲା(ନଂ.୪/୨୧)ରୁଜୁ ହୋଇଥିବା ଏସଆଇ ସୁଦର୍ଶନ ଦେହେରୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଉକ୍ତ ଯୁବତୀ ଫେବୃୟାରୀ ୩ ତାରିଖରେ ମଧ ପାଚେରି ଡେଇଁ ପଳାଇଥିଲେ। ପରେ ସ୍ଥାନୀୟ ପୋଲିସ ଲାଡୁରପେଟସ୍ଥିତ ଗାୟତ୍ରୀ ମନ୍ଦିର ନିକଟରୁ ତାଙ୍କୁ ଉଦ୍ଧାର କରି ସ୍ୱଧାର ଗୃହକୁ ହସ୍ତାନ୍ତର କରିଥିଲା। ପୂର୍ବରୁ ଥରେ ଫେରାର ହୋଇଥିବା ଉକ୍ତ ଯୁବତୀ ପୁଣି ଥରେ ଫେରାର ହେବା ପରେ ସ୍ୱଧାରଗୃହର ସୁରକ୍ଷା ଓ କାର୍ଯ୍ୟକଳାପକୁନେଇ ପ୍ରଶ୍ନବାଚୀ ସୃଷ୍ଟିକରିଛି।

## ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ


ଆମ୍ବସରଭଟାରେ ଜବରଦଖଲ ଉଚ୍ଛେଦ କରାଯାଉଛି ।

ଅମରପାଲି,୧୧।୨ (ଡି.ଏନ.ଏ.)

ବୀରମହାରାଜପୁର ତହସିଲ ସୁବଳୟା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ଟେଭାପଦର ଓ କମିରା ପଞ୍ଚାୟତର ଆମ୍ବସରଭଟାରେ ଜବରଦଖଲ ଉଚ୍ଛେଦ କରିଛି ପ୍ରଶାସନ। ଟେଭାପଦର ଗ୍ରାମର ଆମ୍ବପଡିଆରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଥିଲା। ମାତ୍ର ଏଠାରେ ପ୍ରାୟ ୧.୩୦୦ ଏକର ଜମିକୁ କେତେକ ଲୋକ ଜବରଦଖଲ କରିଥିଲେ। ଫଳରେ କଲ୍ୟାଣ ମଣ୍ଡପ ନିର୍ମାଣରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଗ୍ରାମସଭା ହୋଇ ସରପଞ୍ଚ ସରୋଜ ବାରିକଙ୍କ ନେତୃତ୍ୱରେ ବିଡିଓ ଏବଂ ତହସିଲଦାରଙ୍କୁ ଜବରଦଖଲ ଉଚ୍ଛେଦ ପାଇଁ ଅଭିଯୋଗ କରାଯାଇଥିଲା। ଆମ୍ବସରଭଟା ଗୁଦଗୁଦି ନାଳ ନିକଟରେ ଏକ ଖେଳ ପଡିଆ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୩ଏକର ଜମି ଚିହ୍ନଟ ହୋଇଥିଲା। ଉକ୍ତ ଜମି ମଧ ଜବରଦଖଲରେ ଥିଲା। ଜବରଦଖଲ ଉଚ୍ଛେଦ ପାଇଁ ସରପଞ୍ଚ ଶ୍ରୀକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀ ତହସିଲଦାର ଓ ବିଡିଓଙ୍କୁ ଅଭିଯୋଗ କରିଥିଲେ। ବୁଧବାର ତହସିଲଦାର ରଞ୍ଜନ ପରିଡା, ସୁବଳୟା ଏଆରଆଇ ରମାକାନ୍ତ ଜଗଦଲାଙ୍କ ସହିତ ପିତାମହୁଲ ସରପଞ୍ଚ ସରୋଜ ବାରିକ, କମିରା ସରପଞ୍ଚ ଶ୍ରୀକୃଷ୍ଣ ପ୍ରଧାନ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଛି।

## ବ୍ଲକସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

ମୁରିବାହାଲ/କଣ୍ଟାବାଞ୍ଜି, ୧୧।୨(ଡି.ଏନ.ଏ.)



କର୍ମୀ ସମ୍ମିଳନୀରେ ମଞ୍ଚାସୀନ ବିଜେଡି ନେତୃବର୍ଗ।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୁରିବାହାଲ ବ୍ଲକସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଘଣ୍ଟବାହାଲି ପଡିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁରିବାହାଲ ବ୍ଲକ ଅନ୍ତର୍ଗତ ୨୨ପଞ୍ଚାୟତର ଦଳୀୟ କର୍ମକର୍ତ୍ତା, ସକ୍ରିୟ ସଭ୍ୟାସଭ୍ୟ, ପଞ୍ଚାୟତ ପ୍ରତିନିଧଙ୍କ ସହ ତୁରେକେଲା, ବଙ୍ଗୋମୁଣ୍ଡା ବ୍ଲକ ଓ କଣ୍ଟାବାଞ୍ଜି ଏନଏସିର କର୍ମୀମାନେ ସାମିଲ ହୋଇଥିଲେ। ସମ୍ମିଳନୀରେ ବକ୍ତବ୍ୟ ରଖି ଶ୍ରମମନ୍ତ୍ରୀ ତଥା ଜିଲା ବିଜେଡି ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂ କହିଥିଲେ ଯେ, ୨୦୧୯ ସାଧାରଣ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ଦଳୀୟ ପରାଜୟ ଘଟିଥିଲା। ମତଭେଦ ଭୁଲି ସମସ୍ତେ ଏକଜୁଟ ହୋଇ କାମ କଲେ ଏଠାରେ ସଫଳତା ମିଳିବା ନିଶ୍ଚିତ। ଆଜିର ସଭାରେ ସମସ୍ତ ଦିଗଜ୍ ନେତୃବୃନ୍ଦ ଗୋଟିଏ ମଞ୍ଚରେ ଏକାଠି ହେବା ତାହାର ସୂଚନା ଦେଉଛି ବୋଲି ସେ କହିଥିଲେ। ସମାବେଶରେ ପାଟଣାଗଡ ବିଧାୟକ ସରୋଜ ମେହେର, ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ଅୟୁବ ଖାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ତଥା ଗତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଅଜୟ ଦାସ, ରାଜ୍ୟ ମହିଳା ମୋର୍ଚ୍ଚା ସଦସ୍ୟ ଗୋପା ମହାନନ୍ଦ, ମୁରିବାହାଲ ବ୍ଲକ ଉପାଧ୍ୟକ୍ଷା ସୁନ୍ଦରମତି ବାଗ ଜିଲା ସାଧାରଣ ସମ୍ପାଦକ ଫିରୋଜ ଖାନ ପ୍ରମୁଖ ବକ୍ତବ୍ୟ ରଖି ଦଳୀୟ ଏକତା ଓ ଶୃଙ୍ଖଳା ଉପରେ ଜୋର ଦେଇଥିଲେ। ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ ମଞ୍ଚ ପରିଚାଳନା କରିଥିଲେ। ଗତ ବିଧାନ ସଭା ନିର୍ବାଚନ ପରେ ପ୍ରଥମ ଥର ପାଇଁ ଅଜୟ ଦାସ ଓ ଆୟୁବ ଖାଁଙ୍କୁ ଗୋଟି ମଞ୍ଚରେ ଦେଖିବାକୁ ମିଳିଥିଲା।

## ଯୋଗେଶ୍ୱର ଧାମ ଶିବରାତ୍ରି ମେଳା କମିଟି ଗଠିତ

ଲୋଇସିଂହା,୧୧।୨(ଡି.ଏନ.ଏ.)

ଲୋଇସିଂହା ବ୍ଲକ ଯୋଗୀସର୍ଡାର ଶୈବପୀଠ ଯୋଗେଶ୍ୱର ଧାମାରେ ମାର୍ଚ୍ଚ ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ମହାଶିବ ରାତ୍ରି ମେଳା ଅନୁଷ୍ଠିତ ହେବ। ଏଥିପାଇଁ ଦୁଷ୍ମନ୍ତ ପଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଦୁଷ୍ମନ୍ତ ପଧାନ ସଭାପତି, ଲକ୍ଷ୍ମଣ ପଧାନ ଉପସଭାପତି, ମହେଶ ତ୍ରିପାଠୀ ସମ୍ପାଦକ, ସରୋଜ ପଧାନ ଯୁଗ୍ମସମ୍ପାଦକ, ସନକ ପଧାନ ଓ ବୀରବର ବାରିକ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଲକ୍ଷ୍ମଣ ସାହୁ, ସୁରେଶ ପଧାନ ନାମଯଜ୍ଞ କମିଟି ଓ ବଟକୃଷ୍ଣ ତ୍ରିପାଠୀ,ବିଭୂତିଭୂଷଣ ପଣ୍ଡା ଓ ଭରତ ସାହୁ ଅନ୍ନକ୍ଷେତ୍ର ଦାୟିତ୍ୱରେ ରହିଥିବା ମେଳା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

**ଖେଳ ଖବର**

## ବ୍ୟାଡ୍‌ମିଣ୍ଟନ : ଫିରୋଜ ଓ ସୋମେଶ ଯୋଡ଼ି ବିଜୟୀ


କୃତୀ ଖେଳାଳି ପୁରସ୍କୃତ ହୋଇଛନ୍ତି।

ଝାରବନ୍ଧ, ୧୧।୨ (ଡି.ଏନ.ଏ)

ବରଗଡ଼ ଜିଲା ଝାରବନ୍ଧର ଗ୍ଲୋବାଲ ସ୍ପୋର୍ଟିଂ ଆନୁକୂଲ୍ୟରେ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ଏବିଡିଓ ଦେବାଶିଷ ସିହ୍ନା ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ସାହୁ, ସମାଜସେବୀ ଗୋବିନ୍ଦ ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଛତିଶଗଡର ବସନା, ସରାଇପାଲି ସମେତ ମୋଟ ୪୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ପଦ୍ମପୁରର ଫିରୋଜ ଓ ସୋମେଶ ଯୋଡି ସହିତ ଝାରବନ୍ଧର ସୁଶାନ୍ତ ପ୍ରୀତିଶ ଯୋଡି ମଧରେ ହୋଇଥିଲା। ଶେଷରେ ପଦ୍ମପୁର ଦଳ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଝାରବନ୍ଧ ଥାନାଧିକାରୀ ଠାକୁରଦାସ ମୁର୍ମୁ, ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ସରପଞ୍ଚ ଧନମତୀ ପାଣ୍ଡେ ଅତିଥି ଭାବେ ଯୋଗଦାନ କରି ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଭାଗବତ କ୍ରିକେଟ୍ ଟୁର୍ନାମେଣ୍ଟ: ଜମ୍ବାଲିପାଲି ଚାମ୍ପିୟନ

ଅମରପାଲି,୧୧।୨ (ଡି.ଏନ.ଏ.)



ଚାମ୍ପିୟନ ଜମ୍ବାଲିପାଲି ଦଳକୁ ଟ୍ରଫି ପ୍ରଦାନ କରାଯାଉଛି ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେଞ୍ଜିରିଆପାଲି ପଞ୍ଚାୟତ ଅନ୍ତର୍ଗତ ପୁଲେଶ୍ୱରରେ ଚାଲିଥିବା ୫ମ ଭାଗବତ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ବଙ୍କିଆକୁ ହରାଇ ଜମ୍ବାଲିପାଲି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ଖେଳା ହୋଇଥିଲା। ପ୍ରଥମ ଫର୍ମାଟରେ ଜମ୍ବାଲିପାଲି ୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୮୫ ରନ କରିଥିଲା। ଜବାବରେ ବଙ୍କିଆ ଦଳ ୧୦ ଓଭରରେ ୮ଉଇକେଟ ହରାଇ ୮୦ ରନ କରିଥିଲା । ଦ୍ୱିତୀୟ ଫର୍ମାଟରେ ଜମ୍ବାଲିପାଲି ନିର୍ଦ୍ଧାରିତ ୬ ଓଭରରେ ୨ ଉଇକେଟ ହରାଇ ୧୧୯ ରନ କରିଥିଲା। ଜବାବରେ ବଙ୍କିଆ ଦଳ ୬ ଓଭରରେ ୪ ଉଇକେଟ ହରାଇ ୧୦୯ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଜମ୍ବାଲିପାଲି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ମୁଖ୍ୟଅତିଥିଭାବେ ଯୋଗଦେଇ ବଙ୍କିଆର ଉମାଶଙ୍କର ହୋତାଙ୍କୁ ଶ୍ରେଷ୍ଠ ସିକ୍ସର, ସନତଙ୍କୁ ମ୍ୟାନ ଅଫ୍ ଦି ସିରିଜ ଏବଂ ଜମ୍ବାଲିପାଲିର ଅନିଲଙ୍କୁ ମ୍ୟାନ ଅଫ୍ ଦି ଫାଇନାଲ, ଯଦୁଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରିଥିଲେ। ଏଥି ସହିତ ଚାମ୍ପିୟନ ଦଳକୁ ନଗଦ ୧୨ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୮ ହଜାର ଟଙ୍କା ସହିତ ଟ୍ରଫିପ୍ରଦାନ କରିଥିଲେ।

## ଜଗଦାନନ୍ଦ ମେମୋରିଆଲ କ୍ରିକେଟ: ତେଲିପଡ଼ା ସେମିରେ

ଉଲୁଣ୍ଡା, ୧୧।୨ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବାରିଗାଁଠାରେ ପ୍ରଥମ ଜଗଦାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ କୁକିଆକୁ ହରାଇ ତେଲିପଡା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ବ୍ଲକ ଉପାଧ୍ୟକ୍ଷ ଅଶୋକ ପଣ୍ଡା, ଖେଳପ୍ରେମୀ ନାରାୟଣ ଲୁହା, ପୂର୍ବତନ ସରପଞ୍ଚ କୈଳାସ ପୁରୋହିତ, ବୃନ୍ଦାବନ ସୁରୁଜାଲ, ପଞ୍ଚମହଲା ପିଇଓ କାର୍ତ୍ତିକେଶ୍ୱର ଶତପଥୀ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ କୁକିଆ ଦଳ ବାରିଗାଁକୁ ଏବଂ ଦ୍ୱିତୀୟ ମ୍ୟାଚରେ ଗରିଆପାଲିକୁ ହରାଇ ତେଲିପଡା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। କ୍ୱାର୍ଟର ଫାଇନାଲରେ କୁକିଆ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ଉଇକେଟ ହରାଇ ୮୬ ରନ କରିଥିଲା। ତେଲିପଡା ଦଳ ୭ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଛି।

## ସୁଧୀର ସ୍ମାରକୀ କ୍ରିକେଟ : ସମ୍ବଲପୁର ଫାଇନାଲରେ



ସମ୍ବଲପୁରର ରାଜେଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କୃତ କରାଯାଉଛି ।

ଅମରପାଲି,୧୧।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାରେ ଚାଲିଥିବା ସପ୍ତମ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ କମିରାକୁ ହରାଇ ସମ୍ବଲପୁର ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ ସମ୍ବଲପୁର ଓ ବିଲାସପୁର ମଧରେ ହୋଇଥିଲା। ବିଲାସପୁର ପ୍ରଥମେ ବ୍ୟାଟିଂ କରି ୫୭ ରନ କରି ଅଲ୍ଆଉଟ ହୋଇଥିଲା। ସମ୍ବଲପୁର ୫.୨ ଓଭରରେ ଗୋଟିଏ ଉଇକେଟ ହରାଇ ୫୮ ରନ କରି ବିଜୟୀ ହୋଇଥିଲା। ସମ୍ବଲପୁର ଓ କମିରା ମଧରେ ହୋଇଥିବା ସେମିଫାଇନାଲ ମ୍ୟାଚରେ କମିରା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୦୭ ରନ କରିଥିଲା। ଜବାବରେ ସମ୍ବଲପୁର ୯.୩ ଓଭରରେ ୮ ଉଇକେଟ ହରାଇ ୧୦୮ ରନ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପୁରସ୍କାର ବିତରଣ ଉତ୍ସବରେ ଲୁଡୁରପଙ୍କ ସମିତି ସଭ୍ୟ ଲବ କୁମାର ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ସମ୍ବଲପୁରର ରାକେଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

## ଏନକେଏଫଏ ଫୁଟବଲ: ଖୁଜେନପାଲି, କରେଲଧୁଆ ବିଜୟୀ

ଦେଓଗାଁ ,୧୧।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ନେହେରୁ ଖେଳପଡିଆରେ ନବକିଶୋର ଫୁଟବଲ ଆସୋସିଏଶନ ଆୟୋଜନକ୍ରମେ ଚାଲିଥିବା ଏନକେଏଫଏ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଥିଲା ଚତୁର୍ଥ ଦିବସ। ଏହିଦିନ ମହିପୁର ଓ ଖୁଜେନପାଲି ମଧରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖୁଜେନପାଲି ୧−୦ ଗୋଲରେ ବିଜୟୀ ହୋଇଥିଲା। ବରକାନୀ ଓ କରେଲଧୁଆ ଦଳ ମଧରେ ଦ୍ୱିତୀୟ ମ୍ୟାଚ ଖେଳା ଯାଇଥିଲା। ଏଥିରେ ଟାଇବ୍ରେକର ଜରିଆରେ କରେଲଧୁଆ ବିଜୟୀ ହୋଇଥିଲା। ହନକ ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ ଚୁତୁର୍ଥ ଦିବସରେ ମୁଖ୍ୟ ଅତିଥିଭାବେ ଯୁବ ଖେଳାଳି ମନୋଜ ନାଏକ, ଡା.ଶଶୀଭୂଷଣ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

## କନ୍ଧନବୁଢ଼ୀ କ୍ରିକେଟ : ଆଟଗାଁ ଚାମ୍ପିୟନ

ଦେଓଗାଁ ,୧୧।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପାଲିରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଅର୍ଜୁନପୁର ଓ ଆଟଗାଁ ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଆଟଗାଁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୦୦ରନ କରିଥିଲେ। ଜବାବରେ ନିର୍ଦ୍ଧାରିତ ଓଭରରେ ଅର୍ଜୁନପୁର ଦଳ ୭୮ ରନ କରି ପରାଜିତ ହୋଇଥିଲା। ଫଳରେ ଆଟଗାଁ ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେର ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ ।



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

## ଭାଜପା ପକ୍ଷରୁ ସମର୍ପଣ ଦିବସ ପାଳିତ

ବୌଦ୍ଧ,(ସ୍ୱ.ପ୍ର): ବୌଦ୍ଧ ଜିଲା ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଗୁରୁବାର ଜିଲା କାର୍ଯ୍ୟାଳୟଠାରେ ସମର୍ପଣ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ଜିଲା ସଭାପତି ମନୋରଞ୍ଜନ ଦାଶ ଯୋଗଦେଇ ସ୍ୱର୍ଗତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରେମାନନ୍ଦ ମିଶ୍ର, ସତ୍ୟାନନ୍ଦ ପାଣ୍ଡେ, ସ୍ୱଚ୍ଛ ଭାରତ ସଂଯୋଜକ ଶ୍ୟାମସୁନ୍ଦର ପୁରୋହିତ, ନଗର ସଭାପତି ବ୍ୟୋମକେଶ ମହାପାତ୍ର, ତାପସ ପଟ୍ଟନାୟକ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ନମିତା ରାଣୀ ଦାଶ, ନବୀନ ହୋତା, ଦେବବ୍ରତ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ ।

**ସଂକ୍ଷେପରେ**

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

**ଖଡିଆଳ, ୧୧।୨ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ଥାନା ବଡମହେଶ୍ୱର ୩୫୩ ନମ୍ବର ଜାତୀୟ ରାଜପଥରେ ଏକ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କୋମନା ବ୍ଲକ ଇଚ୍ଛାପୁର ଗ୍ରାମର ନବରତ୍ନ ପୋଡ଼ (୩୮) ଓ ଗୁରୁତରମାନେ ସୁମନ୍ତ ସାହୁ, ରଞ୍ଜିତ ବିଶ୍ୱାଳ, ପ୍ରଦୀପ ପ୍ରଧାନ ଓ ନିମାଇଁଚରଣ ରାଉତ। ରାସ୍ତାକଡରେ ଠିଆ ହୋଇଥିବା ଟ୍ରକକୁ ଇନୋଭା ଗାଡି (ନଂ. ଓଡି୨୬ବି- ୯୪୨୭) ଖଡିଆଳରୁ ବିବାହ ଭୋଜିରେ ଯୋଗଦେବାକୁ ଯାଉଥିବା ବେଳେ ପିଟିଥିଲା। ଗୁରୁତରମାନଙ୍କୁ ପୋଲିସ ଉଦ୍ଧାର କରି ଖଡିଆଳ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ନିମାଇଁଙ୍କୁ ବୁର୍ଲା ଡାକ୍ତରଖାନା ଓ ରଞ୍ଜିତ ଏବଂ ସୁମନ୍ତ ରାୟପୁର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ପ୍ରଦୀପଙ୍କୁ ନୂଆପଡା ଚିକିତ୍ସାଳୟରେ ଚିକିତ୍ସା କରୁଥିବା ଜଣାପଡିଛି। ଖଡିଆଳ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଖଡିଆଳ ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି ।

## ହାବିଲଦାର, କନଷ୍ଟେବଲ ସଂଘର କାର୍ଯ୍ୟାଳୟ ଉଦ୍‌ଘାଟିତ

**ବୌଦ୍ଧ, ୧୧।୨(ସ୍ୱ.ପ୍ର.):** ବୌଦ୍ଧ ଜିଲା ହାବିଲଦାର ଓ କନଷ୍ଟେବଲ ସଂଘର କାର୍ଯ୍ୟାଳୟ ଗୃହ ବଲାସିଙ୍ଗାସ୍ଥିତ ରିଜର୍ଭ କାର୍ଯ୍ୟାଳୟ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ, ଆଇଆରବି ୫ମ ବାଟାଲିୟନର ଦୁର୍ଗପତି ବିଜୟ ପ୍ରକାଶ ବାବୁ, ଏସଡିପିଓ ସାଲେଷ୍ଟିନ ଟିଗା, ବରିଷ୍ଠ ଆଇନଜୀବୀ ତାରେଣି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ପାଣ୍ଠିରୁ ୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି କାର୍ଯ୍ୟାଳୟ ଗୃହ ଦ୍ୱାରା ଜିଲାର ହାବିଲଦାର ଓ କନଷ୍ଟେବଲମାନେ ଉପକୃତ ହୋଇପାରିବେ। ଏହି ଅବସରରେ ନୂତନ କାର୍ଯ୍ୟାଳୟ ଗୃହ ସମ୍ମୁଖରେ ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ଜିଲା ହାବିଲଦାର ଓ କନଷ୍ଟେବଲ ସଂଘର ସଭାପତି ବୁଲୁ କୁମାର ମିଶ୍ର ଓ ସମ୍ପାଦକ ସୁଶୀଲ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

## ଦୀନଦ୍‌ୟାଲ ଉପାଧ୍ୟାୟଙ୍କ ସମର୍ପଣ ଦିବସ

**କୋକସରା, ୧୧।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକଠାରେ ଗୁରୁବାର ଭାରତୀୟ ଜନତା ପାର୍ଟି ପ୍ରତିଷ୍ଠିତା ଦିନ ଦୟାଲ ଉପାଧ୍ୟାୟଙ୍କ ସମର୍ପଣ ଦିବସ ପାଳନ କରାଯାଇଛି। କୋକସରା ମଣ୍ଡଳ ସଭାପତି ତ୍ରିନାଥ ବାଗଙ୍କ ଅଧକ୍ଷତାରେ ଭାଜପା କଳାହାଣ୍ଡି ଜିଲା ଉପସଭାପତି ବଦ୍ରି ନାରାୟଣ ପଟ୍ଟନାୟକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଜନାର୍ଦ୍ଦନ ପଣ୍ଡା ଯୋଗଦେଇ ଦିନ ଦୟାଲ ଉପାଧ୍ୟାୟଙ୍କ ସମର୍ପଣ ଦିବସରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ । ଏଥିରେ ବ୍ଲକ ସମ୍ପାଦକ ତ୍ରିନାଥ ଶବର, ଉପସଭାପତି ଗୋପାଳ ଚନ୍ଦ୍ର ଅଗ୍ରୱାଲ, ମୁକୁନ୍ଦ ପଟ୍ଟନାୟକ, ବିନୋଦ ନାଏକ, କେଶରୀ ନାଏକ, ଧର୍ମାନନ୍ଦ ନେଗିଙ୍କ ସମେତ ଅନ୍ୟ କର୍ମୀ ପ୍ରମୁଖ ଯୋଗ ଦେଇଥିଲେ ।

## ବୋର୍ଡା ଜନତା ହାଇସ୍କୁଲ ହେବ ବିରୋଧୀ ଦଳ ନେତାଙ୍କ ପୋଷ୍ୟ ସ୍କୁଲ

**ଭବାନୀପାଟଣା, ୧୧।୨ (ଡି.ଏନ.ଏ.):** ଭବାନୀପାଟଣା ସଦର ବ୍ଲକର ସର୍ବପୁରାତନ ଜନତା ସରକାରୀ ହାଇସ୍କୁଲ ବୋର୍ଡା ହେବ ସଦର ବିଧାୟକ ତଥା ରାଜ୍ୟ ବିରୋଧୀ ଦଳ ନେତାଙ୍କ ପୋଷ୍ୟ ସ୍କୁଲ। ଏ ନେଇ ମୋ ସ୍କୁଲ ଅଭିଯାନ ସଭାପତି ରୋଶନଲାଲ ଛତର, ଏସ୍‌ଏମ୍‌ଡିସି ସଭ୍ୟ କୋଦଣ୍ଡ ମହାନନ୍ଦ, ଯୁଧିଷ୍ଠିର ଜାଲ, ନରେନ୍ଦ୍ର ଜାନୀ, ଶିକ୍ଷାବିତ ଜତିନ୍ଦ୍ର ପଧାନଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିରୋଧୀ ଦଳ ନେତା ଏହି ଘୋଷଣା କରିବେ। ପୂର୍ବରୁ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ଦାନ କରାଯାଇଛି। ପ୍ରଧାନ ଶିକ୍ଷକ ନିରାକାର ଗହିର, ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ପୂର୍ବତନ ଛାତ୍ରଛାତ୍ରୀମାନେ ବିରୋଧୀ ଦଳ ନେତା ନାଏକଙ୍କୁ ସାଧୁବାଦ ଜଣାଇଛନ୍ତି।

# ବିପଦସଙ୍କୁଳ କୋଠାରେ ପାଠପଢ଼ା

**ବେହେରା, ୧୧।୨ (ଡି.ଏନ.ଏ.)**



ବିପଦସଙ୍କୁଳ ଅବସ୍ଥାରେ ଥିବା ଅଙ୍ଗନୱାଡି କେନ୍ଦ୍ର।

**ଧର୍ମଗଡ ବ୍ଲକ**
- ମରାମତି ହେଉନି ଅଙ୍ଗନୱାଡି କେନ୍ଦ୍ର
- ବର୍ଷା ଦିନରେ ଛାତରୁ ଗଳୁଛି ପାଣି
- କୋଠା ସମ୍ପର୍କରେ ବୁଝିବା ଆମ କାମ ନୁହଁ: ସିଡିପିଓ

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକରେ ଥିବା ଅନେକ ବିପଦସଙ୍କୁଳ ଅଙ୍ଗନୱାଡି କେନ୍ଦ୍ରରେ ପାଠପଢ଼ା ଚାଲିଛି। ବ୍ଲକର ବେହେରା ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ର ୧ (ବାଙ୍କିମୁଣ୍ଡା) କୋଠା କାନ୍ଥଗୁଡିକରେ ବଡବଡ ଫାଟ ସୃଷ୍ଟି ହେବା ସହ ଲୁହାଛଡଗୁଡିକ ବାହାରକୁ ଦେଖାଯାଉଛି। ବର୍ଷା ଦିନରେ ଛାତରୁ ପାଣି ଗଳିବା ସହ ସିମେଣ୍ଟ ଖଣ୍ଡଗୁଡିକ ଖସିପଡୁଛି। ସେଠାରେ ବସୁଥିବା କୋମଳମତି ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ଜୀବନ ପ୍ରତି ବିପଦ ରହିଛି। ସେହିପରି କେନ୍ଦ୍ର ନଂ ୩ ବିପଦସଙ୍କୁଳ ଅବସ୍ଥାରେ ଥିବା ଯୋଗୁ କେନ୍ଦ୍ରରେ ତାଲା ପକାଇ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। କେନ୍ଦ୍ର ନଂ ୪ ଓ ଗଇନ୍ତାପଡା କେନ୍ଦ୍ର ଏ ଯାବତ ନୂତନ ବିଲ୍ଡିଂ ନିର୍ମାଣ ହୋଇ ପାରିନାହିଁ। ତେଣ୍ଡାପାଲି ପଞ୍ଚାୟତସ୍ଥ ନିମପଡା ଅଙ୍ଗନୱାଡି କେନ୍ଦ୍ରର ନୂତନ ବିଲ୍ଡିଂ ଜଣେ ଠିକାଦାର ୪ ବର୍ଷ ତଳେ ନିର୍ମାଣ କରୁଥିବା ବେଳେ ନିମ୍ନମାନ କର୍ଯ୍ୟ ପାଇଁ ଗ୍ରାମବାସୀ ଅଭିଯୋଗ କରିବାରୁ ସେହି ଦିନଠାରୁ କାମ ବନ୍ଦ ପଡିରହିଛି। ଧଅାଁରପୁର ପଞ୍ଚାୟତର କେନ୍ଦ୍ର ନଂ ୨ର ବିଲ୍ଡିଂ ନିର୍ମାଣ କାର୍ଯ୍ୟ ୨୦୧୬ରୁ ଏଯାବତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ସେହି ପଞ୍ଚାୟତର କେନ୍ଦ୍ର ନଂ ୧ ଗତ ୬ ବର୍ଷ ହେଲା ସମ୍ପୂର୍ଣ୍ଣ ଭୁଷୁଡି ପଡି ଥିଲେ ମଧ୍ୟ ପୁନଃ ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ସମ୍ପର୍କରେ ଧର୍ମଗଡ ସିଡିପିଓ ସୁଚରିତା ମହାପାତ୍ରଙ୍କୁ ପଚାରିବାରୁ କୋଠା ନ ହେଲେ ଆମେ କିଛି କରିପାରିବୁ ନାହିଁ। ତାହା ବିଡିଓ କହି ପାରିବେ। କୋଠା ସମ୍ପର୍କରେ ବୁଝିବା ଆମ କାମ ନୁହେଁ ବୋଲି କଥାକୁ ଏଡାଇ ଦେଇଥିଲେ।

ଅଙ୍ଗନୱାଡି କେନ୍ଦ୍ର ଜରିଆରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନା ସମ୍ପାଦିତ ହେଉଥିବା ବେଳେ ଏପରି ଅବ୍ୟବସ୍ଥା ପ୍ରକୃତ କାର୍ଯ୍ୟକାରିତା ଉପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର କର୍ମୀମାନେ ପ୍ରକାଶ କରିଥିଲେ। ଏହାର ନିର୍ମାଣ କାର୍ଯ୍ୟ ତୁରନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି ।

# ଜିଲାର ୫ ବ୍ଲକରେ ଫାଇଲେରିଆ ନିରାକରଣ ଅଭିଯାନ ଆରମ୍ଭ




ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ତରବୋଡ/ନୂଆପଡା ଅଫିସ, ୧୧।୨ (ଡି.ଏନ.ଏ.)**

ନୂଆପଡ଼ା ଜିଲାରେ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ୫ଟି ବ୍ଲକରେ ଫାଇଲେରିଆ ନିରାକରଣ ଅଭିଯାନ ଆରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଫାଇଲେରିଆକୁ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଡିପିଏଚଓ (ଏଫଡବ୍ଲୁ) ଡା.ବିନୋଦ ବିହାରୀ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଏଡିପିଏଚଓ (ଭିଭିଡି) ଡା. ଗୋପାଳ ଚନ୍ଦ୍ର ମଲ୍ଲିକ, ଏଡିପିଏଚଓ ରୁକ୍ମଣୀ ବେହେରା, ଡବ୍ଲୁଏଚଓ ଜୋନାଲ ସଂଯୋଜକ ନିଶିତ ରଞ୍ଜନ ଦାସ, ସନ୍ତୋଷ ସାହୁ, ପ୍ରୀୟଦର୍ଶିନୀ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଅଙ୍ଗନୱାଡି ଓ ଆଶା କର୍ମୀମାନେ ଘର ଘର ବୁଲି ଫାଇଲେରିଆ ଔଷଧ ସେବନ କରାଇବେ। ସଚେତନତା ବ୍ୟାପକ ହେଲେ ଜିଲାରୁ ଫାଇଲେରିଆ ମୁକ୍ତ ହୋଇପାରିବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ୧୪୪୦ଜଣ ଅଙ୍ଗନୱାଡି ଓ ଆଶାକର୍ମୀ, ୧୪୦ଜଣ ସୁପରଭାଇଜର, ୫ଟି ବ୍ଲକରେ ୧୭ଜଣ ନିରୀକ୍ଷକ, ଜିଲାରେ ୫ଜଣ ନୋଡାଲ ଅଫିସର ନିଯୁକ୍ତ ହୋଇଛନ୍ତି। ଜିଲାରେ ୨ ବର୍ଷରୁ କମ ବୟସର ୩୮ ହଜାର ୩୧୦ଜଣ ଶିଶୁ ଆଲବେଣ୍ଡାଜଲ ସିରପ ଦିଆଯିବାକୁ ରହିଛି। ୨ରୁ ୫ ବର୍ଷର ପିଲାଙ୍କୁ ଗୋଟିଏ ଲେଖାଏ ଡିଇସି ବଟିକା ଓ ଆଲବେଣ୍ଡାଜଲ ବଟିକା ଖାଇବେ। ଜିଲାରେ ଶତ ପ୍ରତିଶତ ଲୋକଙ୍କୁ ଖୁଆଇବାକୁ ଜିଲା ସ୍ୱାସ୍ଥ୍ୟ ସମିତି ଲକ୍ଷ୍ୟ ରଖିଥିବା ଡବ୍ଲୁଏଚଓ ଜୋନାଲ ସଂଯୋଜକ ଦାସ ସୂଚନା ଦେଇଛନ୍ତି ।

# ନିଶା ନିବାରଣ, ଯୌତୁକ ନିୟନ୍ତ୍ରଣ କଲେ ସମାଜର ଅଗ୍ରଗତି ହେବ

**କର୍ଲାମୁଣ୍ଡା/ମଦପୁର, ୧୧।୨ (ଡି.ଏନ.ଏ.)**




ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ବ୍ଲକସ୍ତରୀୟ ଯାଦବ ମହାସଭା**
- ବାଡିଖେଳ, ଘୁମୁରା ଓ ନୃତ୍ୟରେ ଦୁଲୁକିଲା ମଞ୍ଚ

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଲାତରାଠାରେ ବ୍ଲକସ୍ତରୀୟ ଯାଦବ ମହାସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଯୋଗେଶ୍ୱର ଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ବିଶିଷ୍ଟ ଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗଦେଇ ନିଶା ନିବାରଣ ଓ ଯୌତୁକ ନିୟନ୍ତ୍ରଣ କଲେ ସମାଜର ଅଗ୍ରଗତି ହୋଇପାରିବ ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲା ଯାଦବ ମହାସଭା ସଭାପତି ଅରୁପାନନ୍ଦ ନାଗ, ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡାମାଝି, ଜିଲା ଉପସଭାପତି ଦୁର୍ଲ୍ଲଭ ମାହାର, ଜିଲା ଯୁବ ଯାଦବ ମହାସଭା ସଭାପତି ଗୋବିନ୍ଦ ବନଛୋର, ନର୍ଲା ବ୍ଲକ ସଭାପତି ଯୁଧିଷ୍ଠିର ଗଉଡ, କେସିଙ୍ଗା ବ୍ଲକ ସଭାପତି ପାନାଲାଲ ବେମାଲ, ଲାଞ୍ଜିଗଡ ବ୍ଲକ ସଭାପତି ରଘୁବୀର ନାଗ, କର୍ଲାମୁଣ୍ଡା ବ୍ଲକ ସାଧାରଣ ସମ୍ପାଦକ ନରୋତ୍ତମ ସେଲମା, ଅଲାତରା ଆଞ୍ଚଳିକ ସଭାପତି ଘନଶ୍ୟାମ ବଗର୍ତ୍ତି ମଞ୍ଚାସୀନ ହୋଇ ସମାଜକୁ ସୁସଙ୍ଗଠିତ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ବ୍ଲକ ସମ୍ପାଦକ ମଳୟ କୁମାର ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ଦୁର୍ଯ୍ୟୋଧନ ନାଗ, ରଘୁନାଥ ଭୋଇ, ଚନ୍ଦ୍ରଭାନୁ ଗହିର, ରାଜ କୁମାର ବାଗ, ଛନ୍ଦାଚରଣ ସେଲମା, ସୁଶାନ୍ତ ବଗର୍ତ୍ତି, କହ୍ନେଇ ବାଗ, ଭଗବାନ ଭୋଇ, ହର ବଗର୍ତ୍ତିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଏହି ଅବସରରେ ଯାଦବ ସମ୍ପ୍ରଦାୟର ମୁଖ୍ୟ ଆକର୍ଷଣ ବାଡିଖେଳ ସହିତ ଘୁମୁରା ନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଶହ ଶହ ଯାଦବ ଭାଇ ଭଉଣୀମାନେ ଯୋଗଦେଇଥିଲେ ।

## କ୍ରିକେଟ ପ୍ରତିଯୋଗିତା: ରାଶିଭଟା ଚାମ୍ପିୟନ

**ଘଣ୍ଟାପଡା, ୧୧।୨ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ କୁଲୁଡାଯୋର ନେତାଜୀ ଖେଳ ପଡିଆରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳ ଆମ୍ୱଗାଁ ଓ ରାଶିଭଟା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆମ୍ୱଗାଁ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ଖେଳରେ ୫୦ ରନ ସଂଗ୍ରହ କରିଥିଲା । ବିପକ୍ଷ ରାଶିଭଟା ଦଳ ୩ ଉଇକେଟ ହରାଇ ୫୩ରନ ସଂଗ୍ରହ କରି ଚାମ୍ପିୟନ ବିଜେତା ହୋଇଥିଲା। ପୁରସ୍କାର ବିତରଣରେ କଣ୍ଟାମାଳ ବ୍ଲକ ପୂର୍ବ ଅଧ୍ୟକ୍ଷ ଶଙ୍କର୍ଷଣ ପଧାନ, ବୌଦ୍ଧ ଜିଲା ଭାଜପା ଉପସଭାପତି ଶିବ କର୍ଣ୍ଣ, ନୂଆଁପାଲି ଆଦିବାସୀ ହାଇସ୍କୁଲ ପ୍ରଧାନଶିକ୍ଷକ ଅନନ୍ତ କ୍ଷେତୀ, କୁଲୁଡାଯୋର ଜିଆରଏସ ପ୍ରତାପ ରଣା, ଅନ୍ନପୂର୍ଣ୍ଣା ରାଇସ ମିଲର୍ସ ଦେବାନନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ସତ୍ୟ ମାଝି, ମ୍ୟାନ ଅଫ୍ ଦି ସିରିଜ କିଶୋର ରଣା ଓ ଉଭୟ ଦଳକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ମହିନ୍ଦ୍ର ରଣା ଓ ଦିଲୀପ ମାଝି ଖେଳ ପରିଚାଳନା କରିଥିଲେ। ରାଜ କୁମର, ଶୁକ୍ରୁ, ପ୍ରଶାନ୍ତ, ଲୋଚନ, ପରମାନନ୍ଦ, ନିଳ, ଯତିନ, ଜୟକାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## କେନ୍ଦୁପତ୍ର କର୍ମଚାରୀ ସଂଘର ୧୬ଦଫା ଦାବିପତ୍ର

**ଖପ୍ରାଖୋଲ/ପାଟଣାଗଡ, ୧୧।୨(ଡି.ଏନ.ଏ.)**

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପାଟଣାଗଡ ଡିଭିଜନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୬ ଦଫା ସମ୍ବଳିତ ଦାବିପତ୍ର ଗୁରୁବାର ପାଟଣାଗଡ ଡିଏଫ୍‌ଓଙ୍କ ଅନୁପସ୍ଥିତିରେ ଏସିଏଫ୍ ମନୋରଞ୍ଜନ ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ଚପରାସିମାନଙ୍କ ବକେୟା ଦରମା ପ୍ରଦାନ, ଗତବର୍ଷ ଉଚ୍ଛେଦ ହୋଇଥିବା ଫଡି ପୁନଃ ସ୍ଥାପନ, ମୁନସୀମାନଙ୍କୁ ୯୦ ଦିନର ଦରମା ପ୍ରଦାନ, ସିଜିନ ଚେକରମାନଙ୍କୁ ବୁସ୍ କଟିଙ୍ଗଠାରୁ ପତ୍ର ବିକ୍ରି ପର୍ଯ୍ୟନ୍ତ ଦରମା ପ୍ରଦାନ, ବନ୍ଧେଇ ଚେକର ମାନଙ୍କୁ ୯ ମାସର ଦରମା ପ୍ରଦାନ ଅନ୍ୟତମ। ଦାବିପତ୍ର ପ୍ରଦାନ ସମୟରେ କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ଉପସଭାପତି କିଶୋର ପରିଛା, ମକାରୁ ପଣ୍ଡା, ଚିତ୍ରସେନ ବଗର୍ତ୍ତୀ, ଦୁଆରୁ ସେଠ୍, ଦ୍ରୋଣ ବନଛୋର, ନାରାୟଣ କରଣ, ତିଲ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ସପ୍ତାହକ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ସଂଘ ଚେତାବନୀ ଦେଇଛି। ଏଥିପୂର୍ବରୁ କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ଉପସଭାପତି ପରିଛାଙ୍କ ଅଧ୍ୟକ୍ଷତାରେ କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀଙ୍କୁ ନେଇ ଏକ ବୈଠକ ସ୍ଥାନୀୟ ମାରଓାଡି ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇ୧୬ ଦଫା ଦାବିପତ୍ର ପ୍ରସ୍ତୁତ କରାଯାଇଥିଲା।

# ଚାଳଛପର କୁଡ଼ିଆରେ ବିତୁଛି ଜୀବନ



ସାନଦୋହେଲ ଗ୍ରାମର ଜଣେ ଗରିବ ମହିଳାଙ୍କ ଚାଳଛପର କୁଡ଼ିଆ ଘର ।

**ଖଡିଆଳ, ୧୧।୨ (ଡି.ଏନ.ଏ.)**

**ସରକାରୀ ଯୋଜନା ସାତ ସପନ**

ନୂଆପଡା ଜିଲା ଖଡିଆଳ ବ୍ଲକ ବଡଦୋହେଲ ପଞ୍ଚାୟତ ସାନଦୋହେଲ ଗ୍ରାମରେ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର, ମୋ କୁଡିଆ ଭଳି ଯୋଜନା ସାତ ସପନ ପାଲଟିଛି। ଏହିପରି ଗରିବ ଶ୍ରେଣୀର ଲୋକମାନଙ୍କୁ ଘର ନ ମିଳି ଧନି ଶ୍ରେଣୀର ଲୋକଙ୍କୁ ମିଳୁଥିବା ଅଭିଯୋଗ ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତ ଲୋକଙ୍କୁ ପକ୍କାଘର ଯୋଗାଦେଉଥିବା ବେଳେ ସାନଦୋହେଲ ଗ୍ରାମର ଗରିବ ଶ୍ରେଣୀ ଲୋକେ ଏଥିରୁ ବଞ୍ଚିତ ହେଉଛନ୍ତି। ସରପଞ୍ଚଠାରୁ ଆରମ୍ଭ କରି ବିଡିଓଙ୍କୁ ଲିଖିତ ଭାବେ ଜଣାଇବା ସହ ବାରମ୍ବାର ଆବେଦନ କରିଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ସେମାନେ ଏହି ଯୋଜନାରୁ ଦୂରରେ ରହିଛନ୍ତି। ଏ ନେଇ ଗ୍ରାମର ଗୋମତୀ ସୁନା, ସୁବିଧା ସୁନା, ସୂର୍ଯ୍ୟ ସୁନା, ସାବିତ୍ରୀ ସୁନା, ପାର୍ବତୀ ସୁନା, କପିଳ ସୁନା, ଭରତ ସୁନା, ଖିରକୋଳି ସୁନା ଅଭିଯୋଗ କରିଛନ୍ତି। ଗ୍ରାମର ମୁଗଲିପଡାରେ ୧୦ ରୁ ୧୫ ଗରିବ ଶ୍ରେଣୀର ପରିବାର ବାସ କରନ୍ତି। ବ୍ୟବସାୟ କହିଲେ ସେମାନେ ପ୍ଲାଷ୍ଟିକ ବ୍ୟାଗଗୁଡିକୁ ସଂଗ୍ରହ କରି ସେଥିରୁ କୁଅାଁରୁ ପାଣି କାଢ଼ିବା ଦଉଡି, ବଳଦ, ଛେଳି, ମେଣ୍ଢା ବାନ୍ଧିବା ଦଉଡି ଏବଂ ଅନ୍ୟ ଉପକରଣଗୁଡିକ ଯାହାକି ଚାଷୀଙ୍କୁ ଚାଷ କାର୍ଯ୍ୟ ପାଇଁ ଦରକାର ସେ ସବୁ ତିଆରି କରି ପରିବାର ପୋଷିଥାନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ଏହି ଗରିବ ପରିବାରଙ୍କୁ ଉକ୍ତ ଯୋଜନାରେ ସାମିଲ କରି ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ନାଗରିକ କମିଟି ବୈଠକ

**ବଲାଙ୍ଗୀର ଅଫିସ,୧୧।୨**

ବଲାଙ୍ଗୀର ରାମସ୍ୱାମୀ ମନ୍ଦିର ପରିସରରେ ମାଲପଡା ନାଗରିକ କମିଟିର ବୈଠକ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଛି। ପଡାର ନାଳନର୍ଦ୍ଦମା, ରାସ୍ତାଘାଟ ସଫେଇ କାର୍ଯ୍ୟରେ ପୌର ପରିଷଦ ଚରମ ଅବହେଳା କରୁଥିବାରୁ ସଭ୍ୟମାନେ କ୍ଷୋଭପ୍ରକାଶ କରିଥିଲେ। ଏକ କମିଟି ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ୍ କରି ଜିଲାପାଳଙ୍କୁ ଏକ ବିଷୟରେ ଏକପତ୍ର ଲେଖାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଅନ୍ୟ ଏକ ପ୍ରସ୍ତାବକ୍ରମେ ସ୍ଥାନୀୟ କ୍ରିଡାପଡା ସ୍କୁଲ ପ୍ରହରୀ ଛକଠାରୁ ମାଲପଡା ରାମସ୍ୱାମୀ ମନ୍ଦିର ଦେଇ ଏଫ୍‌ସିଆଇ ଗୋଦାମ ନାଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରି ଉଦୟ ନଗର ପର୍ଯ୍ୟନ୍ତ ସଂଯୋଗ କରିବାକୁ ପୌରପାଳିକାକୁ ଏକ ପତ୍ରାଳାପ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । କମିଟି ଉପସଭାପତି ଗୋପବନ୍ଧୁ ପୁରୋହିତ, ସହସମ୍ପାଦକ ଶ୍ୟାମସୁନ୍ଦର ଆଚାର୍ଯ୍ୟ, ପ୍ରଫେସର ତରୁଣ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜ୍ଞାନ ଶିକ୍ଷକଙ୍କ କର୍ମଶାଳା



ବାଲାଜୀ କଲେଜଠାରେ ଅନୁଷ୍ଠିତ ବିଜ୍ଞାନ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

**ବଲାଙ୍ଗୀର ଅଫିସ,୧୧।୨**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ବାଲାଜୀ କଲେଜଠାରେ ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଜ୍ଞାନ ପରିଷଦ ଭାରତ ସରକାରଙ୍କ ସହଯୋଗରେ ଏକ ବିଜ୍ଞାନ ଶିକ୍ଷକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ୫୦ଜଣ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଭାଗ ନେଇଥିଲେ। ଗବେଷକଭାବେ ବାଙ୍ଗାଲୁରରୁ ଡ. ନରେନ୍ଦ୍ର ନାୟକ ଯୋଗଦାନ କରିଥିଲେ। ବିଜ୍ଞାନ ଦ୍ୱାରା ସତ୍ୟକୁ ଉନ୍ମୋଚନ କରି ସମାଜରେ ଥିବା କୁସଂସ୍କାରକୁ ଦୂର କରିବା ସହ ତଥାକଥିତ ଭଣ୍ଡବାବାମାନଙ୍କ ଚମତ୍କାରକୁ ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ ନାୟକ କହିଥିଲେ। ଏହି ଦୁଇଦିନିଆ କର୍ମଶାଳାରେ ସମାଜରୁ ଅନ୍ଧବିଶ୍ୱାସ ରୂପକ ଭ୍ରାନ୍ତଧାରଣ ଦୂରୀକରଣ ପାଇଁ ବିଜ୍ଞାନ ସମ୍ମତ ବିଭିନ୍ନ ଜ୍ଞାନକୌଶଳ ସମ୍ପର୍କରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ତାଲିମ ଦିଆଯାଇଥିଲା। ଏହା ସହ ଦୈନନ୍ଦିନ ଜୀବନରେ ବୈଜ୍ଞାନିକ ପଦ୍ଧତି ଓ ବିଚାରଧାରାର ଉପଯୋଗ କରିବା ଦିଗରେ ଛାତ୍ରୀଛାତ୍ରଙ୍କୁ ଆଗେଇ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ଆୟୋଜକ ବାଲେଶ୍ୱର ସାମନ୍ତ ଚନ୍ଦ୍ରଶେଖର ବିଜ୍ଞାନ କ୍ଲବ ସଭାପତି ଇଂ ମିଲନ କୁମାର ରାଉଳ ଏହି କର୍ମଶାଳାର ମୁଖ୍ୟଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ସଞ୍ଚୟ ଟଙ୍କା ଦାନ କଲେ ୨ ଭଉଣୀ



ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଦୁଇ ଭଉଣୀ ଟଙ୍କା ଦାନ କରୁଛନ୍ତି ।

**କୋକସରା, ୧୧।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତ ବଡକେନ୍ଦୁଗୁଡା ଗ୍ରାମର ଆଦିତ୍ୟ ପଣ୍ଡାଙ୍କ ଦୁଇ ଝିଅ ଅନ୍ୱେଷାଶ୍ରୀଷ୍ଟି (୧୦) ଓ ଐଶାନୀଶ୍ରୀକ୍ତି (୩) ଅଯୋଧାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ସଞ୍ଚୟ କରିଥିବା ୫ ହଜାର ୬ ଶହ ୪୧ ଟଙ୍କା ଦାନ କରୁଛନ୍ତି । ନିଧି ସଂଗ୍ରହ ପାଇଁ ଜୟପୁରରୁ ଆସିଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କର୍ମକର୍ତ୍ତାଙ୍କୁ ସେମାନେ ଦାନ କରିଥିଲେ । ଦୁଇ କୁନି ଭଉଣୀଙ୍କ ଏଭଳି ବଦାନ୍ୟତା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ।

# ଆନ୍ଧ୍ର କବ୍‌ଜାରେ କଳାହାଣ୍ଡି ଜମି

**ଭବାନୀପାଟଣା, ୧୧।୨ (ସ୍ୱ.ପ୍ର.)**

ରାଜ୍ୟର ସୀମାନ୍ତ ଜିଲାଗୁଡିକରେ ଦିନକୁ ଦିନ ସୀମା ବିବାଦ ମୁଣ୍ଡ ଟେକିବାରେ ଲାଗିଛି। ଏପରିସ୍ଥଳେ କଳାହାଣ୍ଡି ଜିଲାର ସୀମାନ୍ତ ବ୍ଲକ ଅଞ୍ଚଳରେ ମଧ ଏଭଳି ସମସ୍ୟା ଦେଖିବାକୁ ମିଳିଲାଣି। ଜିଲାର ସୀମାନ୍ତରେ ଥିବା କୋକସରା, ଜୟପାଟଣା, ଜୁନାଗଡ, କଲମପୁର, ଧର୍ମଗଡ ବ୍ଲକ ଅଞ୍ଚଳରେ ବର୍ତ୍ତମାନ ଆନ୍ଧ୍ର ଲୋକଙ୍କ ଆଦିପତ୍ୟ ଦେଖିବାକୁ ମିଳିଛି। ଏସବୁ ବ୍ଲକର ଅଧିକାଂଶ ଜମି ଜଳସେଚିତ ହେଉଥିବାରୁ ଏବେ ଏହାକୁ ଆନ୍ଧ୍ର ଲୋକମାନେ ହାତେଇଲେଣି। ଫଳରେ ଏହି ବ୍ଲକଗୁଡକରେ ଆନ୍ଧ୍ର ଲୋକଙ୍କ ସଂଖ୍ୟା ବଢୁଥିବାରୁ ଏହି ବ୍ଲକଗୁଡିକରେ ଭବିଷ୍ୟତରେ ସୀମା ବିବାଦ ଦେଖାଦେବାର ଆଶଙ୍କା ରହିଛି। କଳାହାଣ୍ଡି ଜିଲାକୁ ଶସ୍ୟ ଶ୍ୟାମଳା କରିବା ପାଇଁ ପୂର୍ବରୁ ଜିଲାର ମୁଖିଗୁଡାସ୍ଥିତ ଇନ୍ଦ୍ରାବତୀରୁ ବହୁମୁଖୀ ପ୍ରକଳ୍ପ ଯୋଜନା ଓ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଗା ଜଳସେଚନ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ କଳାହାଣ୍ଡିର ଲୋକଙ୍କ ସ୍ୱାର୍ଥରେ ନ ଲାଗି ଆନ୍ଧ୍ର ଲୋକଙ୍କ ସ୍ୱାର୍ଥରେ ଲାଗିବ ବୋଲି ଜଣାପଡିଲାଣି। ଏହାର ବିଧିବଦ୍ଧ ତଦନ୍ତ ହେବା ଜରୁରୀ ହୋଇପଡିଛି।

କଳାହାଣ୍ଡିରେ ଜମିର ମୂଲ୍ୟ ଯେତିକି ରହିଛି ତାହାଠାରୁ ଅଧିକ ମୂଲ୍ୟ ଦେଇ ଅର୍ଥ ଲୋଭ ଦେଖାଇ ସେମାନଙ୍କଠାରୁ ଜମି କିଣିନେଉଛନ୍ତି। ଏପରିକି ଆନ୍ଧ୍ରର ବିଭିନ୍ନ ଶିଳ୍ପପତି, ବବସାୟୀ, ସରକାରୀ କର୍ମଚାରୀ, ଠିକାଦାର ଓ ରାଜନେତା କଳାହାଣ୍ଡିକୁ ଆସି ଜମି କିଣୁଥିବା ନଜିର ରହିଛି। ସେମାନେ ନିଜ ସମ୍ପର୍କୀୟମାନଙ୍କ ନାମରେ ଏହି ଜମିଗୁଡିକୁ କିଣି କଳାହାଣ୍ଡିର ଲୋକଙ୍କୁ ଲିଜ୍ ସୂତ୍ରରେ ଦେଉଛନ୍ତି। ଏଭଳି ଦିନକୁ ଦିନ ଜମି ବିକ୍ରି ସଂଖ୍ୟା କଳାହାଣ୍ଡିରେ ବୃଦ୍ଧି ପାଉଥିବା ଓ ଆନ୍ଧ୍ର ଲୋକମାନେ ଅଧିକ ସଂଖ୍ୟାରେ ଜମି କିଣୁଥିବାରୁ ସମୟ ଆସିବ କଳାହାଣ୍ଡିରେ କେବଳ ଆନ୍ଧ୍ର ଲୋକଙ୍କ ଜମି ଥିବା। କିନ୍ତୁ ସ୍ଥାନୀୟ ଲୋକଙ୍କ ଜମି ନ ଥିବ। ଏକ ଅନୁସନ୍ଧାନରୁ ଜଣାପଡିଛି ଯେ, ଆନ୍ଧ୍ରରେ କଳାହାଣ୍ଡିର ଜମି ମୂଲ୍ୟଠାରୁ ୪ ଗୁଣା ଅଧିକ। ଫଳରେ ଆନ୍ଧ୍ର ଲୋକ ସେଠାରୁ ଗୋଟିଏ ଏକର ଜମି ବିକ୍ରି କରି କଳାହାଣ୍ଡିରେ ଆସି ୪ ଏକର ଜମି କିଣୁଛନ୍ତି। ସେହିପରି ବ୍ୟବସାୟୀ, ଠିକାଦାର, ରାଜନେତା, ସରକାରୀ କର୍ମଚାରୀ କଳାଅର୍ଥ ସାହାଯ୍ୟରେ କଳାହାଣ୍ଡିରେ ଜମି କିଣୁଛନ୍ତି। ଏଠାକାର ସବ୍‌ରେଜିଷ୍ଟ୍ରାର, ତହସିଲ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ, କର୍ମଚାରୀଙ୍କୁ ହାତକରି ସେମାନେ ଜମି କିଣିବାକୁ ସକ୍ଷମ ହେଉଛନ୍ତି। ଏହାର ଏକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

**ରିପୋର୍ଟ–ଉତ୍ତମ କୁମାର ଦାଶ**